# RAJASTHAN

*Incredibly spellbinding!*



**Ashok Gehlot**
Chief Minister, Rajasthan










***Highlights :** • Complete Industry Status to tourism sector • Up to 30% discount on electricity rates • Up to 80% exemption in UD Tax • Rural Tourism Scheme implemented in the State • Employment opportunities in rural areas • Rajasthan Film Tourism Promotion Policy Launched subsidy up to ₹2crores • 394% increase in tourist arrivals in the year 2022 as compared to year 2021*

Events on 4th August, 2023

**Launch of Media Campaign**
at
Rajasthan International Centre, Jaipur
4.00 pm onwards

**Farhan Live** (Music Concert)
at
JECC Sitapura, Jaipur
7.30 pm onwards

LIVE
Scan the QR code for live telecast

*All are invited!*

RAJASTHAN
The Incredible State of India !

Department of Tourism, Government of Rajasthan | www.tourism.rajasthan.gov.in | Follow us | Download App

## ସଂକ୍ଷେପରେ

### ଅଙ୍ଗଦାନ ଦିବସରେ ଶପଥ ନେଲେ ଏମ୍ସ ଡାକ୍ତର, ଛାତ୍ରୀଛାତ୍ର

ଭୁବନେଶ୍ୱର,୩।୮ (ଅଭିଜିତ ଦାସ)

ଏମ୍ସ ଭୁବନେଶ୍ୱରରେ ଗୁରୁବାର ୧୩ତମ ଭାରତୀୟ ଅଙ୍ଗଦାନ ଦିବସ (ଆଇଓଡିି) ପାଳନ କରାଯାଇଥିଲା। ଏଥିରେ ଯୋଗଦେଇ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଅଙ୍ଗଦାନ ଓ ଅଙ୍ଗପ୍ରତିରୋପଣ ବିଷୟରେ ଆଲୋକପାତ କରିବା ସହ ସମସ୍ତ ଡାକ୍ତର, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଅଙ୍ଗଦାନ ନିମନ୍ତ ଶପଥ କରାଇଥିଲେ। ଏହି ଅବସରରେ କିଡ୍ନୀ ଓ ବୃକକ୍ ପ୍ରତିରୋପଣରେ ଏମ୍ସ ଭୁବନେଶ୍ୱରର ସଫଳତା ଉପରେ ଆଲୋଚନା କରିଥିଲେ। ସେହିପରି ଏଠାରେ ଖୁବ୍‌ଶୀଘ୍ର କ୍ୟାଡାଭରିକ୍ ଅଙ୍ଗଦାନ କାର୍ଯ୍ୟକ୍ରମ ଓ ଯକୃତ ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡାକ୍ତର ଡି.କେ.ପରି, ନ୍ୟୁରୋଲୋଜି ବିଭାଗର ଡାକ୍ତର ସଞ୍ଜୀବ ଭୋଇ, ନ୍ୟୁରୋ ସର୍ଜରୀ ବିଭାଗର ଡାକ୍ତର ଆଶିଷ ପଟ୍ଟନାୟକ, ଟ୍ରମା ଓ ଜରୁରୀକାଳୀନ ବିଭାଗର ଡାକ୍ତର ସଙ୍ଗୀତା ସାହୁ, ଆନାଟୋମି ବିଭାଗ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରସେରୀ ଦୋକାନୀଙ୍କୁ ଆକ୍ରମଣ, ଚିକେନ ଦୋକାନୀ ଗିରଫ

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଗ୍ରସେରୀ ଦୋକାନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଚିକେନ ଦୋକାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ପିପିଲ ଅଞ୍ଚଳର ଭୋବନା ବାରିକ। ଅଭିଯୁକ୍ତ ଭୋବନା ଗ୍ରସେରୀ ଦୋକାନୀଙ୍କ ଘର ଆଗରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇଥିଲେ। ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### କାଠଫାଳିଆରେ ଆକ୍ରମଣ କରି ଯୁବକ ଗିରଫ

ବାଲିଅନ୍ତା, ୩।୮ (ନୀଳମାଧବ ସାହୁ)

ଏକ ପିକ୍‌ଅପ ଗାଡ଼ିରେ ଗ୍ୟାସ ସିଲିଣ୍ଡର ଡେଲିଭରି ପାଇଁ ଯାଇଥିବା ବେଳେ ଡ୍ରାଇଭର ଓ ହେଲପରଙ୍କୁ କାଠଫାଳିଆରେ ଆକ୍ରମଣ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗଣ୍ଡିଲୋ ଗ୍ରାମର ପ୍ରଦୀପ୍ତ ରଞ୍ଜନ ସ୍ୱାଇଁ(୩୧)। ଗତ ବୁଧବାର ପ୍ରଦୀପ୍ତ ଅଭିଯୋଗକାରୀ ବୁଲେଇ ସାହୁଙ୍କୁ ୫୦୦ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାକୁ ମନା କରିବାରୁ ପ୍ରଦୀପ୍ତ ଟଙ୍କା ବ୍ୟାଗକୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଛଡ଼ାଇ ନ ପାରିବାରୁ ଉତ୍ୟକ୍ତ ହୋଇ ପ୍ରଦୀପ୍ତ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିବା ସହ ଗାଡ଼ିର କାଚ ଭାଙ୍ଗିଦେଇଥିଲେ। ଖବରପାଇ ବାଲିଅନ୍ତା ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କୁ ଯୁବକଙ୍କୁ ଧରିଥିଲେ। ବୁଲେଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୮/୨୩) ରୁଜୁ କରି ତଦନ୍ତ ଚଳାଇଛି।

# କୁଶଭଦ୍ରା, ଭାର୍ଗବୀରେ ବଢୁଛି ଜଳସ୍ତର

## ଭାସିଗଲେ ୩ ଗାଈ

ବାଲିପାଟଣା,୩।୮ (ଅଭିମନ୍ୟୁ ନାୟକ)



ରାଜ୍ୟରେ ବର୍ଷା ଥମୁ ନ ଥିବା ବେଳେ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କୁଶଭଦ୍ରା ଓ ଭାର୍ଗବୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ବନ୍ୟାଜଳ ପ୍ରବେଶ କରିବାରୁ ସରିପୁର ଗ୍ରାମ ନିକଟ କୁଶଭଦ୍ରା ନଦୀ ଭିତରେ ଚରୁଥିବା ବେଳେ ତିନୋଟି ଗାଈ ଭାସି ଯାଇଥିଲେ। ଗ୍ରାମବାସୀ ଦୁଇଟି ଗାଈକୁ ଉଦ୍ଧାର କରିଥିବା ବେଳେ ଆଉ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ସେହିପରି ଭାର୍ଗବୀ ନଦୀର ବନ୍ୟାଜଳ ଅଚ୍ୟୁତପୁର କାଜଦେଇ ପ୍ରବାହିତ ଜଳ ବିଲରେ ପ୍ରବେଶ କରିଛି। କାଜର ବନ୍ଧ ନ ଥିବାରୁ ରାଜସ, ଷୋମଣ, ଆଳିସି ଶାସନ, ପମ୍ପାଲ ଓ କୁରୁନ୍ଦିପୁର ପଞ୍ଚାୟତରେ ପରିବା ଓ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହେବ। ମୁଣ୍ଡୁଳି ଠାରେ ପ୍ରବାହିତ ୯.୬୦ଲକ୍ଷ କ୍ୟୁସେକ ବନ୍ୟାଜଳ ଶୁକ୍ରବାର ପୂର୍ବାହ୍ନ ୧୧ଟା ଶୁଦ୍ଧା ତଳ ମୁଣ୍ଡରେ ପହଞ୍ଚିବ ବୋଲି ବାଲିପାଟଣା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକ କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ବନ୍ୟାପ୍ଳାବିତ ପଞ୍ଚାୟତରେ ଶୁଖିଲା ଖାଦ୍ୟ ମହଜୁଦ ଥିବା ସହିତ ଉଦ୍ଧାର ପାଇଁ ଏନ୍‌ଡିଆରଏଫ୍ କର୍ମଚାରୀ ପ୍ରସ୍ତୁତ ଥିବା ବିଡିଓ ଆଦିକନ୍ଦ ବେହେରା କହିଛନ୍ତି। ପ୍ରଭାବିତ ଲୋକଙ୍କ ପାଇଁ ଔଷଧ ବାଣ୍ଟିବାକୁ ବ୍ୟବସ୍ଥା କରାଯିବ ବୋଲି ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କହିଛନ୍ତି।

## ବନ୍ୟାଜଳ ଦେଖିବାକୁ ଭିଡ଼



ବାରଙ୍ଗ,୩।୮ (ଲିଙ୍ଗରାଜ ରାଉତ)

ବନ୍ୟାଜଳ ଦେଖିବା ପାଇଁ ନରାଜ ଓ ମୁଣ୍ଡଳୀ ବ୍ୟାରେଜରେ ଗୁରୁବାର ନାହିଁ ନଥିବା ଭିଡ଼ ହୋଇଛି। ମୁଣ୍ଡଳୀ ଦେଇ ବନ୍ୟାଜଳ ପ୍ରଭାବିତ ହେଉଥିବାର ଜଣାପଡିବା ପରେ ସକାଳୁ ସକାଳୁ ଦେଖଣାହାରୀଙ୍କ ଭିଡ଼ ଆରମ୍ଭ ହୋଇଯାଇଥିଲା। ଧୀରେ ଧୀରେ ଲୋକଙ୍କ ଭିଡ଼ ଅସମ୍ଭାଳ ହେବାକୁ ଲାଗିଥିଲା। ରାତି ପର୍ଯ୍ୟନ୍ତ ବି ସ୍ଥାନୀୟ ଲୋକମାନଙ୍କଠାରୁ ଆରମ୍ଭ କରି ଯାତାୟାତ କରୁଥିବା ଲୋକମାନେ ପହଞ୍ଚି ବ୍ୟାରେଜରେ ଭିଡ଼ ଜମାଇଥିବାର ଦେଖିବାକୁ ମିଳିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ମୁଣ୍ଡଳିରେ ୭ଲକ୍ଷ ୯୮ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ମଧ୍ୟାହ୍ନ ସୁଦ୍ଧା ୮ଲକ୍ଷ ୫୦ ହଜାର କ୍ୟୁସେକ ପ୍ରବାହିତ ହେଉଥିବାବେଳେ ସନ୍ଧ୍ୟା ସୁଦ୍ଧା ୯ରୁ ୯ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ଅତିକ୍ରମ କରିବ ବୋଲି ଜଣାପଡ଼ିଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ଆୟୋଜିତ ତଥା ଓଡ଼ିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ଦ୍ୱାରା ପରିବେଷିତ ନାଟକ 'ସାଉଁଟା କଇଁ'ର ଏକ ଦୃଶ୍ୟ।

## ୨ ବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ

ବାଲିଅନ୍ତା, ୩।୮ (ନୀଳମାଧବ ସାହୁ)

ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ଗୁରୁବାର ବାଲିଅନ୍ତା ବ୍ଲକ ଗସ୍ତରେ ଆସି ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଧାୟକ ପ୍ରଥମେ ନେହେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ଭେଟି ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ୨ ଛାତ୍ରୀଛାତ୍ରକୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷ ଜୟନ୍ତୀବାଳା ମହାନ୍ତିଙ୍କୁ କଲେଜ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପରେ ବିଧାୟକ ଢାଲୀ ବାଲିଅନ୍ତା ଉଚ୍ଚ ବିଦ୍ୟାଳୟକୁ ଆସି ପାଣି ଜମୁଥିବା ସ୍ଥାନ ଓ ଖେଳପଡ଼ିଆକୁ ବୁଲି ଦେଖିଥିଲେ। ବିଦ୍ୟାଳୟ ପରିସରରୁ ପାଣି ନିଷ୍କାସନ ସହ ଟାଇଲ ବିଛାଇବା ପାଇଁ ବିଡିଓଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଏହି ବିଦ୍ୟାଳୟଟି ୫-ଟି ସ୍ମାର୍ଟସ୍କୁଲରେ ଆସିଥିଲେ ମଧ୍ୟ କାର୍ଯ୍ୟର କିଛି ଦିନ ମଧ୍ୟରେ କାନ୍ଥରୁ ପ୍ଲାଷ୍ଟର ଛାଡିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ଓଡ଼ିଶା ସଂସ୍କୃତି ଉପରେ ବିଶେଷ ଚିତ୍ରକଳା ଶିବିର




୩ ଦିନିଆ ବିଶେଷ ଚିତ୍ରକଳା ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଦୃଶ୍ୟକଳା ବିଭାଗ ସମୂହ ପକ୍ଷରୁ ଗୁରୁବାର ଓଡିଶା ସଂସ୍କୃତି ସମ୍ପର୍କିତ ୩ ଦିନିଆ ବିଶେଷ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଚିତ୍ର କଳା ମାଧ୍ୟମରେ ଓଡିଶାର ମହାନ ସଂସ୍କୃତିକୁ ପ୍ରତିଫଳିତ କରିବା ସହ ଏହାର ପ୍ରସାର ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କୁଳ ସଚିବ ଅନାମିକା ଅଧିକାରୀ ବିଶେଷ ଅତିଥି ଭାବେ ଯୋଗଦେଇ ଏଭଳି ଶିବିର ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି କରିବ ବୋଲି ମତ ଦେଇଥିଲେ। ସ୍ନାତକୋତ୍ତର ବିଭାଗର ମୁଖ୍ୟ ଡ଼. ଚକ୍ରଧର ବେହେରା ଓଡିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଚିତ୍ରକଳା ମାଧ୍ୟମରେ ପ୍ରତିଫଳିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଧାପକ ପ୍ରବୀର କୁମାର ଦଳେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ବିଶିଷ୍ଟ ଶିଳ୍ପୀ ଦେବାର୍ଚ୍ଚନା ରାଉତ ଚିତ୍ର କଳାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରକୁ ଅଧାପକ ସମ୍ବରୁ ଶୋଭରା, ଡ. ସସ୍ମିତା କମିଲା, ଅଞ୍ଜନ କୁମାର ସାହୁ, ମୋନାଲିସା ବିଶ୍ୱାଳ, ପ୍ରତାପ କୁମାର ଜେନା ଓ ଡ. ଆଶିଷ ମହାପାତ୍ର ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଓଡିଶା ସଂସ୍କୃତିର ବିଭିନ୍ନ ବିଶେଷତ୍ୱ ଉପରେ ବିଶେଷ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳାଗୁଡ଼ିକୁ ନେଇ ଏକ ବିଶେଷ ପ୍ରଦର୍ଶିତ ଅୟୋଜିତ କରାଯିବ।

## ଭୀମଭୋଇ ଦୃଷ୍ଟିବାଧିତ ଓ ବିପିନ ବିହାରୀ ଚୌଧୁରୀ ଶ୍ରୁତି ବାଧିତ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

୨୦୨୩-୨୪ ଶିକ୍ଷାବର୍ଷରୁ ଭୀମଭୋଇ ଦୃଷ୍ଟି ବାଧିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିପିନ ବିହାରୀ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ଧନ୍ଦାମୂଳକ ଶିକ୍ଷାରେ ପାଠପଢ଼ା ଆରମ୍ଭ ହୋଇଛି। ଗୁରୁବାରଠାରୁ ଉଭୟ ବିଦ୍ୟାଳୟରେ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା। ଭୀମଭୋଇ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ସଚିବ ଡ. ସନାତନ ପଣ୍ଡା, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଭୁବନେଶ୍ୱର ବ୍ଲକ୍ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟଶ୍ରୀ ସାହୁ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ନାମ ଲେଖାଇଥିବା ୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ଟି ଜିଲାରୁ ୧୫ଜଣ ବିଦ୍ୟାର୍ଥୀ ନିଜ ଅଭିଭାବକଙ୍କ ସହ ଉତ୍ସବରେ ଉପସ୍ଥିତ ଥିଲେ। ସେହିପରି ବିପୀନ ବିହାରୀ ଚୌଧୁରୀ ଶ୍ରୁତି ବାଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆର୍କିଟ ଚେୟାରମ୍ୟାନ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିପୀନ ବିହାରୀ ଚୌଧୁରୀଙ୍କ ପୁଅ ଶିଳାଦିତ୍ୟ ଚୌଧୁରୀଙ୍କ ସମେତ ଅନ୍ୟମାନେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗଦର୍ଶନ କରିଥିଲେ। ଏହି ସ୍ୱତନ୍ତ୍ର ବିଦ୍ୟାଳୟକୁ ରାଜ୍ୟର ଅନ୍ୟତମ ପ୍ରମୁଖ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଇବା ପାଇଁ ଅତିଥିମାନେ ଉପସ୍ଥିତ ଅଧାପକମାନଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଅଭିଭାବକମାନେ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ। ଏଥିରେ ନାମ ଲେଖାଇଥିବା ୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦ଜଣ ଛାତ୍ରୀଛାତ୍ର ପ୍ରଥମ ଦିନରେ ଉପସ୍ଥିତ ଥିଲେ।

## କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାମଲା ରୁଜୁ

**ସାଙ୍ଗଠାରୁ ୬.୮୭ ଲକ୍ଷ ଠକେଇ, ବନ୍ଧୁକ ଦେଖାଇ ଆକ୍ରମଣ ଘଟଣା**

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

ବ୍ୟବସାୟ କରିବା ଆଳରେ ସାଙ୍ଗଙ୍କଠାରୁ ୬.୮୭ ଲକ୍ଷ ଟଙ୍କା ଠକିନେଲେ। ଟଙ୍କା ମାଗିବାରୁ ବନ୍ଧୁକ ଦେଖାଇ ସଂଘବଦ୍ଧ ଭାବେ ଆକ୍ରମଣ କରି ୩,୨୦୦ଟଙ୍କା ଲୁଟିନେଲେ। ଏଭଳି ଠକେଇ ଓ ଆକ୍ରମଣର ଶିକାର ହୋଇଥିଲେ ଶହୀଦନଗର ଥାନା ଅନ୍ତର୍ଗତ ଭୋଇ ନଗରରେ ରହୁଥିବା ବିଶ୍ୱଜିତ୍ ପାତ୍ର। ଏହି ଘଟଣା ୨୦୨୨ରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଘଟିଥିଲେ ମଧ୍ୟ ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା। ଏପରିକି ଭୁବନେଶ୍ୱର ଜେଏମଏଫସି-୩ଙ୍କ ନିର୍ଦ୍ଦେଶର ୭ ମାସ ପରେ ପୋଲିସ ଅଭିଯୁକ୍ତ ସଞ୍ଜୟ କୁମାର ବିଶ୍ୱାଳଙ୍କ ସହ ୯ ଅଜଣା ସନ୍ଦିଗ୍ଧଙ୍କ ବିରୋଧରେ ବୁଧବାର ଏକ ମାମଲା (ନଂ.୩୩୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଟଙ୍କା ନେଇଥିବା ସଞ୍ଜୟଙ୍କ ଘର ଗଞ୍ଜାମ ଜିଲା ତେନ୍ତୁଳିପଲ୍ଲୀ ଅଞ୍ଚଳରେ। ସେ ଭୁବନେଶ୍ୱରରେ ରହୁଥିବା ସମୟରେ ୨୦୨୨ରେ ବ୍ୟବସାୟ କରିବାକୁ କହି ବିଶ୍ୱଜିତ୍‌ଙ୍କଠାରୁ ୬ ଲକ୍ଷ ୮୭ ହଜାର ୫୦୦ ଟଙ୍କା ନେଇ ଆଉ ଫେରାଇ ନ ଥିଲେ। ପରେ ଅଢ଼େଇ ଲକ୍ଷ ଟଙ୍କା ଲେଖାଏ ଦୁଇଟି ଚେକ୍ ଦେଇଥିଲେ ମଧ୍ୟ ତାହା ବାଉନ୍ସ ହୋଇଯାଇଥିଲା। ବାରମ୍ବାର ଟଙ୍କା ମାଗିବାରୁ ୨୦୨୨ ନଭେମ୍ବର ୨୧ ରାତିରେ ସଞ୍ଜୟ ଅନ୍ୟ ୯ ଯୁବକଙ୍କ ସହ ମିଶି ବିଶ୍ୱଜିତଙ୍କୁ ଆଇଡି ମାର୍କେଟ ନିକଟରେ ବନ୍ଧୁକ ଦେଖାଇ ସଂଘବଦ୍ଧ ଆକ୍ରମଣ କରି ଲୁଟିଥିଲେ। ଏନେଇ ପୋଲିସ ମାମଲା ରୁଜୁ ନ କରିବାରୁ ବିଶ୍ୱଜିତ୍ ତାଙ୍କ ଓକିଲଙ୍କ ଦ୍ୱାରା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# 'କଥା ସତୁରୀ' ଉନ୍ମୋଚିତ




ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

୭୦ବର୍ଷ ଉତ୍ତାରୁ ଜଣେ ସାହିତ୍ୟିକ ତା'ର ଶ୍ରେଷ୍ଠ ରଚନା ପ୍ରକାଶ କରିଥାଏ। ତେଣୁ ପ୍ରଥିତଯଶା ସାହିତ୍ୟିକ ଦାଶ ବେନହୁର ମଧ୍ୟ ତାଙ୍କ ସାରସ୍ୱତ ଯାତ୍ରାକୁ ସୁଗମ କରି ଶତାୟୁ ହୁଅନ୍ତୁ। ତାଙ୍କ ରଚନାଶୈଳୀ ସ୍ୱତନ୍ତ୍ର। ସେହି ସ୍ୱତନ୍ତ୍ରତା ମାଧ୍ୟମରେ ସେ ଓଡ଼ିଆ ସାହିତ୍ୟ ଓ ଇତିହାସର ଅବହେଳିତ ଉତ୍କଳ ଜ୍ୟୋତିଷ୍କ ମଧୁସୂଦନ ଦାସଙ୍କୁ ସର୍ବସାଧାରଣରେ ଅତି ସୁନ୍ଦର ଭାବେ ଉନ୍ମୋଚିତ କରିପାରିଛନ୍ତି। ତାଙ୍କ ରଚିତ 'ପଗଡ଼ି ପୁରୁଷ' ଏକ ଶ୍ରେଷ୍ଠ ରଚନା କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଈଶ୍ୱର ତାଙ୍କୁ ବିଂଶତର ବର୍ଷ ଜୀବନ ଦିଅନ୍ତୁ। ବର୍ତ୍ତମାନଠାରୁ ତାଙ୍କର ଭିନ୍ନ ଏକ ସାରସ୍ୱତ ଯାତ୍ରାର ଅୟମାରମ୍ଭ ହେଉ ଓ ସେ ଓଡ଼ିଆ ସାହିତ୍ୟ ଜଗତକୁ ଆହୁରି ଅନନ୍ୟ ତଥା କାଳଜୟୀ ସୃଷ୍ଟି ଭେଟି ଦିଅନ୍ତୁ। 'ପେନ୍ ଇନ୍ ବୁକ୍ସ' ପ୍ରକାଶନୀ ସଂସ୍ଥା ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନ୍‌ହୁରଙ୍କ ୭୦ତମ ଜନ୍ମ ଦିବସରେ ତାଙ୍କ ୭୦ ଗଳ୍ପକୁ ନେଇ ପ୍ରସ୍ତୁତ ପୁସ୍ତକ 'କଥା ସତୁରି'ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟ ଅତିଥି 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ବର୍ଷିୟାନ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ଅତିଥି ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ, ବରେଣ୍ୟ ଅତିଥି ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦାଶ ବେନହୁର ଉପସ୍ଥିତ ଅତିଥିଙ୍କଠାରୁ ଆଶୀର୍ବଚନ ଗ୍ରହଣ କରିବା ସହ ଏହା ନିଜର ସାରସ୍ୱତ ଯାତ୍ରାକୁ ଋଦ୍ଧିମନ୍ତ କରିବାରେ ବେଶ ସହାୟକ ହେବ ବୋଲି କହିଥିଲେ। କଥାକାର ପବିତ୍ର ମୋହନ ପାଣିଗ୍ରାହୀ ସାହିତ୍ୟିକ ବେନହୁରଙ୍କ ସମଗ୍ର ଗଳ୍ପ ସଂକଳନରେ ଥିବା ୨୦୦ ଗଳ୍ପ ମଧ୍ୟରୁ ୭୦ଟି ଗଳ୍ପକୁ ବାଛି ଏହି ପୁସ୍ତକଟି ସମ୍ପାଦିତ କରିଛନ୍ତି। କାର୍ଯ୍ୟକ୍ରମରେ ସେ ମଧ୍ୟ ଉପସ୍ଥିତ ରହି ନିଜ ଅନୁଭୂତି ବଖାଣିଥିଲେ। ପ୍ରକାଶନୀ ସଂସ୍ଥାର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। କବି ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ।

# ଜମି ସେଲ୍‌ଡିଡ୍, ୧୦ଲକ୍ଷ ଛଡ଼ାଇନେଇ ୬ ଗିରଫ

ବାରଙ୍ଗ,୩।୮ (ଲିଙ୍ଗରାଜ ରାଉତ)

## ଅଭିଯୁକ୍ତଙ୍କଠାରୁ ୬.୮୦ଲକ୍ଷ ଜବତ




ଗିରଫ ୬ ଅଭିଯୁକ୍ତ।

ଜଣେ ଜମିକ୍ରେତାଙ୍କୁ ବଳିମାଗି ଟଙ୍କା ନ ପାଇବାରୁ ସେଲଡିଡ୍ ଏବଂ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ସେମାନେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ମରିଚିଆଗ୍ରାମର ବିଶ୍ୱନାଥ ରାଉତ(୪୦), ବାରଙ୍ଗ ଥାନା ଦେଉଳି ଗ୍ରାମର ସୁବାସ ଜେନା(୫୫) ଓ ବାନାମ୍ବର ସ୍ୱାଇଁ (୬୩), ଦରଘାବଜାର ଥାନା କଦମରସୁଲର ମିର୍ଜା ଆଜମ (୪୧), ରାଜନଗର ଥାନା ବାଲିସାହିପାଟଣା ଗ୍ରାମର ମହେନ୍ଦ୍ର କୁମାରବଳ (୩୫) ଓ ସିଡିଏ ସେକ୍ଟର୯ ଅଞ୍ଚଳର ମାନସ କୁମାର ମହାନ୍ତି ଓରଫ ଦୁର୍ଗା। ସେମାନଙ୍କଠାରୁ ସେଲଡିଡ ଏବଂ ନଗଦ ୬ଲକ୍ଷ ୮୦ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୨୮୫/୨୩ରେ ୩୯୫ ଧାରାରେ ଏକ ମାମଲା ରୁଜୁକରିଛି। ଏଥିସହ ଅଧିକ ତଦନ୍ତ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ୧୪ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଛି।

ସୂଚନା ମୁତାବକ, କଟକ ଚାଉଳିଆଗଞ୍ଜ ଅଞ୍ଚଳର ରଘୁନାଥ ବାରିକ ତାଙ୍କ ଦୁଇବନ୍ଧୁ ସାରଦା ପ୍ରସନ୍ନ ଦାସ ଏବଂ ନିମାଇଁ ଚରଣ ଚୌଧୁରୀଙ୍କ ସହ ମିଶି ବାରଙ୍ଗ ରତାଗଡ଼ ଏବଂ ପଦ୍ମନାଭନଗର ଅଞ୍ଚଳରେ ୫ଟି ପ୍ଲଟ କିଣିବା ପାଇଁ ମନସ୍ଥକରି ଜମି ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ଜମି କିଣାବିକା ପାଇଁ ଉଭୟଙ୍କ ମଧ୍ୟରେ ସହମତି ମଧ୍ୟ ହୋଇଥିଲା। ହେଲେ କିଛି ଖଳଶ୍ରେଣୀର ଲୋକ ଜମି ମାଲିକଙ୍କ ପାଖକୁ ଯାଇ ଉକ୍ତ ଜମିରେ ତାଙ୍କର ଅଧିକାର ଥିବାର କହି ଟଙ୍କା ଦାବି କରିଥିଲେ। ରଘୁନାଥ ଏଥିରେ ଭୟଭୀତ ହୋଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ଲକ୍ଷ ଟଙ୍କା ପଠାଇଥିଲେ। ଏହାରି ଭିତରେ ରଘୁନାଥଙ୍କ ବାରଙ୍ଗ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି କିଣାବିକା ପାଇଁ ଅଗଷ୍ଟ ୧ତାରିଖରେ ସ୍ଲଟ ବୁକିଂ କରିଥିଲେ। ସେହିଦିନ ପଦ୍ମନାଭନଗରର ଜମିବିକ୍ରେତା ନିଜର ୨୭ଜଣ ଉତ୍ତରାଧିକାରୀଙ୍କୁ ନେଇ ବାରଙ୍ଗ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ସମୟ ପୂର୍ବରୁ ପହଞ୍ଚି ଯାଇଥିଲେ। ଏହି ଖବର ପାଇ ବିଶ୍ୱନାଥ ରାଉତ ତାଙ୍କ ଅନ୍ୟ ୫ଜଣ ସହଯୋଗୀଙ୍କୁ ସାଙ୍ଗରେ ଧରି ସେଠାରେ ପହଞ୍ଚି ରଘୁନାଥଙ୍କୁ ଅଧିକ ଅର୍ଥଦେବାକୁ ଦାବି କରିଥିଲେ। ରଘୁନାଥ ଟଙ୍କା ଦେବା ପାଇଁ ବାରଣ କରିବାରୁ ତାଙ୍କ ସେଲଡିଡ ଏବଂ ୧୦ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଫଳରେ ସେଦିନ ତାଙ୍କର ଜମି କିଣା ହୋଇ ପାରି ନଥିଲା। ଏହି ଘଟଣାରେ ରଘୁନାଥ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ବୁଧବାର ରାତିରେ ସମସ୍ତ ଅଭିଯୁକ୍ତ ତ୍ରିଶୂଳିଆଛକ ନିକଟରେ ନେଇଥିବା ଟଙ୍କା ଭାଗବଣ୍ଟା କରୁଥିଲେ। ଏହି ସମୟରେ ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ଖବରପାଇ ସମସ୍ତଙ୍କୁ ଗିରଫ କରିଥିଲା।

**ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ**

ବଡ଼ମ୍ବା,(ମାୟାଧର ମଲ୍ଲିକ) ବିଧାୟକ ଦେବୀ ପ୍ରସାଦ ମିଶ୍ର ଗୁରୁବାର ବଡ଼ମ୍ବା ର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ଏଥି ସହ କରଡିବନ୍ଧ,ଶଶାଙ୍ଗ ଇତ୍ୟାଦି ଅଞ୍ଚଳରେ ଜଳମଗ୍ନ ହୋଇଥିବା ଚାଷ ଜମି ବୁଲି ଦେଖିବା ସହ ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ରଙ୍କ ସହ କଟକ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ,ଉପ ଜିଲାପାଳ, ଆଠଗଡ଼ ପ୍ରଶାନ୍ତ କୁମାର ତରାଇ, ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା,ବିଡିଓ ରମେଶ କୁମାର ଜେନା, ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସ୍ଥାନୀୟ ଭଞ୍ଜାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, ଯୁବ ନେତା ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ନରାଜ ଆନିକଟ ଦେଇ ପ୍ରବାହିତ ବନ୍ୟାଜଳ।


ଯୋବ୍ରା ଶିଖରପୁର ରେଲୱେ ବ୍ରିଜ ବାଇପାସ୍ ରୋଡ୍‌ରେ ମହାନଦୀର ବନ୍ୟାଜଳ ପ୍ରଭାହିତ

# ସାପୁଆ ନଦୀରେ ୨୦ ଫୁଟ ଘାଇ

- ୬ ପଞ୍ଚାୟତର ୧୫୦୦ ହେକ୍ଟର ଚାଷଜମି ଜଳମଗ୍ନ
- ରାସ୍ତାରେ ୪ ଫୁଟ୍ ବନ୍ୟାଜଳ ପ୍ରବାହିତ
- ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ଖୁଣ୍ଟୁଣୀ, ୩।୮ (ସଚ୍ଚିଦାନନ୍ଦ ପଣ୍ଡା)

ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଏଥିଯୋଗୁ ସାପୁଆ ନଦୀର ଆଠଗଡ଼ ବ୍ଲକ ଅଧୀନ ଧୁରୁଷିଆ ନିକଟ ରମ୍ଭାବନ୍ଧଠାରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ଧୁରୁଷିଆ ପଞ୍ଚାୟତର ଧୁରୁଷିଆ, ଜେନାପୁର, ଗଜାଆମ୍ବ, କେଉଟପଡା, ଘଣ୍ଟିଖାଲ ପଞ୍ଚାୟତର ନିଧିପୁର, ମଞ୍ଚେଶ୍ୱର ପଞ୍ଚାୟତର ନାରଙ୍ଗବସ୍ତ, ବିଷ୍ଣୁପୁର, ଗୋପାଳପ୍ରସାଦ, ବ୍ରାହ୍ମଣବସ୍ତ, କଖଡ଼ି ପଞ୍ଚାୟତର ଗୋପୀନାଥପଡ଼ା ଓ ଅନନ୍ତପୁର ପଞ୍ଚାୟତର କେତେକ ଅଞ୍ଚଳର ୧୫୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମି


ସାପୁଆ ନଦୀରେ ସୃଷ୍ଟି ହୋଇଥିବା ଘାଇ।

ଜଳମଗ୍ନ ହୋଇଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀ ଚିନ୍ତାରେ ପଡିଛନ୍ତି। ଅପରପକ୍ଷରେ ଘଣ୍ଟିଖାଲ ପଞ୍ଚାୟତର ନିଧିପୁରଗଡ଼ା ଓ ମହାକାଳବସ୍ତ ପଞ୍ଚାୟତର ଦହିସରା ନିକଟ ଢାଉରଙ୍ଗ ଗଡ଼ା ରାସ୍ତାରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଆଠଗଡ଼ରୁ କଟକ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଛି। ପ୍ରତିବର୍ଷ ଏଠାରେ ଘାଇ ସୃଷ୍ଟି ହେଉଥିବାରୁ ନଦୀକୂଳ ଅଞ୍ଚଳବାସୀଙ୍କ ବ୍ୟାପକ କ୍ଷତି ଘଟୁଛି। ପରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଘାଇ ମରାମତି କରାଯାଉଛି। ହେଲେ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଚଳିତବର୍ଷ ଏହି ନଦୀବନ୍ଧ ମରାମତି କରା ନ ଯିବା ଫଳରେ ଘାଇ ସୃଷ୍ଟି ହେଲା ବୋଲି ଧୁରୁଷିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀକର ଜେନା କହିଛନ୍ତି। ପ୍ରତିବର୍ଷ ଘାଇ ସୃଷ୍ଟି ହେବା ଦ୍ୱାରା ଯେଉଁ କ୍ଷତି ହେଉଛି ତାହାର ଭରଣା ପ୍ରଶାସନ କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆଗକୁ ଆହୁରି ବର୍ଷା ସମ୍ଭାବନା ଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଖବରପାଇ ମଧ୍ୟାହ୍ନରେ କଟକ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ପ୍ରଦୀପ୍ତ କୁମାର ସାହୁ ଓ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଘାଇ ହୋଇଥିବା ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପାଣି ଛାଡିବା ପରେ ତୁରନ୍ତ ବନ୍ଧ ତୁରନ୍ତ ମରାମତି କରାଯିବା ସହ ଲୋକମାନେ ଆତଙ୍କିତ ନ ହେବା ପାଇଁ ଉପଜିଲାପାଳ ତରାଇ କହିଥିଲେ। ଅପରାହ୍ନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଘାଇ ନିକଟରେ ପହଞ୍ଚିଥିଲେ। ଏହାର ସ୍ଥାୟୀ ମରାମତି ନିମନ୍ତେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସହର ତଳି ଅଞ୍ଚଳରେ ପଶିଲା ବନ୍ୟାଜଳ

କଟକ,୩।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଲଗାଣ ବର୍ଷା ଯୋଗୁ ମହାନଦୀ ଓ କାଠଯୋଡିରେ ଜଳସ୍ତର ବୃଦ୍ଧି ପାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ପ୍ରତି ସେକେଣ୍ଡରେ ୯ ଲକ୍ଷ ୧୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉପରମୁଣ୍ଡରେ ୯୪.୧୦ ଏବଂ ତଳମୁଣ୍ଡରେ ୯୧.୭୦ ଫୁଟ ଜଳସ୍ତର ରହିଛି। ମୁଣ୍ଡଳୀ ବ୍ୟାରେଜରୁ ନିଷ୍କାସିତ ପାଣିକୁ ମହାନଦୀର ଯୋବ୍ରା ବ୍ୟାରେଜ ଓ କାଠଯୋଡି ନଦୀର ନରାଜ ବ୍ୟାରେଜ ଦେଇ ନିଷ୍କାସନ କରାଯାଉଛି। ନରାଜରେ ୪ ଲକ୍ଷ ୫୩ ହଜାର ୬୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ତେଣୁ ସମ୍ଭାବ୍ୟ ବନ୍ୟାସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇତିମଧ୍ୟରେ ସହର ତଳି ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷରେ ସିଡିଏ କାଠଯୋଡ଼ି ବିହାରରେ ବନ୍ୟାପାଣି

### ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ପଶିଯିବାରୁ ଲୋକମାନେ ରିଂବନ୍ଧ ରାସ୍ତା ପାର୍ଶ୍ୱକୁ ଉଠି ଆସିଛନ୍ତି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାଠଯୋଡ଼ି ବିହାର ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇ ସିଡିଏ ଡିଏଭି ସ୍କୁଲରେ ରଖାଯିବ। ସେହିପରି ବାଲିସାହିରେ ପାଣି ପଶିଲେ ବସ୍ତିର ପ୍ରାୟ ୧୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳୀରେ ରଖାଯିବ। ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ସମ୍ଭାବ୍ୟ ବନ୍ୟାସ୍ଥିତିର ମୁକାବିଲା ପାଇଁ ସିଏମ୍‌ସି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କାଠଯୋଡ଼ି ବିହାରର ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇ ନିକଟସ୍ଥ ସ୍କୁଲରେ ରଖାଯିବ। ସେହିପରି ଅନ୍ୟ ସ୍ଥାନଗୁଡିକରେ ମଧ୍ୟ ସମାନ ପଦକ୍ଷେପ ନିଆଯିବ। ଯେପରି କେହି ଜରିପାଲ ତଳେ ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ମେୟର କହିଛନ୍ତି।

## କିଶନନଗର ନିକଟରେ ବିପଦ ସଙ୍କେତ ଟପିଲା ବନ୍ୟାଜଳ

କଟକ ସଦର,୩।୮(ସୁଶାନ୍ତ କୁମାର ଜେନା)

ଲଗାଣ ବର୍ଷା ଯୋଗୁ ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା କିଶନନଗର ନିକଟରେ ବନ୍ୟାଜଳ ବିପଦ ସଙ୍କେତ ୧୫.୧୬ ମିଟର ଅତିକ୍ରମ କରିଛି। ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ଦୁର୍ବଳ ଥିବା ସ୍ଥାନରେ ପାଟ୍ରୋଲିଂ ବ୍ୟବସ୍ଥା ଜୋର୍‌ଦାର୍ କରାଯାଇଛି। ହେଲେ ବାସ୍ତବରେ ପାଣି ୧୫.୫୫ ମିଟରକୁ ସ୍ପର୍ଶ କରିଛି। ୧୯୮୨ ମସିହାରୁ ନଦୀବନ୍ଧ ଉଚ୍ଚତା ବୃଦ୍ଧି ପାଇଥିଲେ ସୁଦ୍ଧା ଏଠାରେ ବନ୍ୟାଜଳ ମାପିବା ପାଇଁ ଥିବା ସ୍କେଲ୍‌ରେ ପରିବର୍ତ୍ତନ କରାଯାଇନାହିଁ। ନୂଆକରି ଜଳ ସ୍ତରର ବିପଦ ସଙ୍କେତ ସୀମା ନିର୍ଦ୍ଧାରଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ବନ୍ୟା ପରେ ବିପଦ ସଙ୍କେତ ସ୍ତର ନିର୍ଦ୍ଧାରଣ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯିବ ବୋଲି କିଶନ ନଗର ଜଳସେଚନ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ନବ କିଶୋର ମହାପାତ୍ର କହିଛନ୍ତି। ସେହିପରି କାଠଯୋଡ଼ି ନଦୀର ପରମହଂସ ସେତୁ ନିକଟରେ ଥିବା ସ୍କେଲ୍‌ରେ ବନ୍ୟାଜଳ ସ୍ତର ୧୯ ମିଟର ଥିଲା। ବନ୍ୟାପାଣି ଦେଖିବା ପାଇଁ ମହାନଦୀର କିଶନନଗର ସେତୁ, କାଠଯୋଡି ନଦୀର ବରାଳ ଓ ପରମହଂସ ସେତୁ, ସିଡୁଆ ନଦୀର କୂଳସରିତୁଆଁ ସେତୁ ଉପରେ ଜନସମାଗମ ହୋଇଥିଲା।

# ୫ ପଞ୍ଚାୟତରେ ଚାଷଜମି ଜଳମଗ୍ନ

ଆଠଗଡ,୩।୮(ସତ୍ୟ ପ୍ରସାଦ ରଥ)

ଲଗାଣ ବର୍ଷା ଯୋଗୁ ମହାନଦୀ ଓ ତା'ର ଉପନଦୀ, ସାପୁଆନଦୀ,କଣ୍ଟିଆ ଓ ଫିଙ୍ଗା ଆଦି ରେ ଜଳପତନ ବୃଦ୍ଧି ପାଇଛି। ଉପରୋକ୍ତ ନଦୀଗୁଡ଼ିକରୁ ଜଳ ନିଷ୍କାସନ ହୋଇପାରି ନାହିଁ। ଫଳରେ ଧୁରୁଷିଆ, କଟକିଆ ସାହି, ମହାକାଳବସ୍ତ, ଘଣ୍ଟିଖାଲ, ମଞ୍ଚେଶ୍ୱର ଆଦି ଗ୍ରାମ ପଞ୍ଚାୟତରେ ଧାନ ଚାଷ, ପରିବା ଚାଷ ଜଳମଗ୍ନ ହୋଇଛି। ଘଣ୍ଟିଖାଲ ଗଡ଼ାରେ ପାୟ ୨ ଫୁଟ ଜଳ ପ୍ରବାହିତ ହେଉଥିବାବେଳେ ସାପୁଆନଦୀ, କଣ୍ଟିଆ, ଫିଙ୍ଗା ଆଦି ନାଳ ପାଣି ମହାକାଳବସ୍ତ-ଦହିସରାଠାରେ ପ୍ରାୟ ୫୦୦ ମିଟର ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ପୁରୁଣା କଟକ-ସମ୍ବଲପୁର ରାସ୍ତାଦେଇ ଗମନାଗମନ ବାଧାପ୍ରାପ୍ତ ହୋଇଛି। ସେହିପରି ସୁବର୍ଣ୍ଣପୁର ଦେଇ ବାଙ୍କୀ-ଆଠଗଡ ରାସ୍ତାର ଆନନ୍ଦପୁରଠାରେ ମହାନଦୀ ଜଳ ଅଂଶୁପା ହ୍ରଦ ଦେଇ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ବାଙ୍କୀ ବ୍ଲକର ଅନେକ ଗ୍ରାମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କଟକ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ,ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ, ତହସିଲଦାର ପ୍ରିୟବ୍ରତ ଦାସ, ଧୁରୁଷିଆ ସରପଞ୍ଚ ସଂଯୁକ୍ତା ପାଣି, ମଞ୍ଚେଶ୍ୱର ସରପଞ୍ଚ ଜ୍ୟୋତିର୍ମୟୀ ସାହୁ, କଟକିଆ ସାହି, ମହାକାଳବସ୍ତ, ଘଣ୍ଟିଖାଲ ସରପଞ୍ଚ ମାନସୀ ରାଉତ,ଅଶୋକ ରାଉଳ,ସୁଜାତା ମଞ୍ଜରୀ ରାଉତ ରାୟ ପ୍ରମୁଖ ଘାଇ ସୃଷ୍ଟି ହୋଇଥିବା ସ୍ଥାନରେ ବୁଲି ଦେଖିଛନ୍ତି।

## ପାଣିଘେରରେ ଶିବାଜୀନଗର କଲୋନି ବାସିନ୍ଦା



ମଙ୍ଗୁଳି-ଜଗତପୁର,୩।୮(ମାନସ ସାମଲ)

ଲଗାଣ ବର୍ଷାଯୋଗୁ ଚୌଦ୍ୱାର ପୌରାଞ୍ଚଳ ୨ନଂ. ୱାର୍ଡ ଅଧୀନ ଶିବାଜୀନଗର କଲୋନି ଜଳମଗ୍ନ ହୋଇଛି। କଲୋନି ରାସ୍ତାରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ସେମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ସକାଳ ହେଲେ ଖବକାଗଜ ନେବା ପାଇଁ ପାଣି ଭିତରେ ଯିବାକୁ ପଡୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବସନ୍ତ ବେହେରା କହିଛନ୍ତି, ଜଳ ନିଷ୍କାସନ ପାଇଁ ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ବାଟ ଡିଗୀ ପୋଲର ୫ଟି ବାଟ ମଧ୍ୟରୁ ୪ଟି

### ଡିଗୀ ପୋଲ ସଫା କରିବାକୁ ଦାବି

ବନ୍ଦ ହୋଇଯାଇଛି। ଏଥିଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି। ସେହିପରି ଅନ୍ୟଜଣେ ବାସିନ୍ଦା ଦୁର୍ଯୋଧନ ଶତପଥୀ କହିଛନ୍ତି, ସନ୍ଧ୍ୟାହେଲେ ଘର ଭିତକୁ ସାପ ଓ ଗୋଧି ପଶି ଆସୁଥିବାରୁ ଭୟ ଲାଗୁଛି। ତେଣୁ ଯଥାଶୀଘ୍ର ପୌରପାଳିକା ପକ୍ଷରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଚୌଦ୍ୱାର ପୌର ନିର୍ବହୀ ଅଧିକାରୀ ସଞ୍ଜୀବ ମହାପାତ୍ର କହିଛନ୍ତି, ଶୁକ୍ରବାର ଦୁଇ ଜଣ ଅଧିକାରୀ ବନ୍ୟାଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବା ପରେ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ।

## ବ୍ରାହ୍ମଣୀ ପୋଲ ଅବରୋଧ : ଏକାଧିକ ଏକର ଧାନ ଜମି ପ୍ରଭାବିତ

ନିଶ୍ଚିନ୍ତକୋଇଲି, ୩।୮
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତରେ ଅଞ୍ଚଳରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ବ୍ରାହ୍ମଣୀ ନଦୀ ପୋଲ ଅବରୋଧ କରିବା ଫଳରେ ଶହ ଶହ ଏକର ଧାନ ଜମି ଜଳମଗ୍ନ ହୋଇଛି। ବଡଥାକନ ଓ ବୋଧଙ୍ଗ ମୌଜାର ପ୍ରାୟ ୨୦ ଏକର ଚାଷ ଜମି ଚାଷ ପାଇଁ ପାଣି ସଙ୍କଟ ଦେଖାଦେଇଥିବାବେଳେ ସରପଡା ମୌଜାର ପ୍ରାୟ ୧୫ ଏକର ଜମି ଜଳମଗ୍ନ ରହିଛି। ଜଳ ନିଷ୍କାସନ ପଥକୁ ଅବରୋଧ କାରଣରୁ ଏଭଳି ସମସ୍ୟା ହୋଇଛି ବୋଲି ବହୁ ଚାଷୀ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସରପଡା ପଞ୍ଚାୟତ ବୋଧଙ୍ଗ, ସରପଡା,ବଡଥାକନ ମୌଜାର ବିସ୍ତୀର୍ଣ୍ଣ ଚାଷ ଜମିରୁ ନିଷ୍କାସିତ ଜଳରାଶିକୁ ଅବରୋଧ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ପ୍ରକାଶ ଚନ୍ଦ୍ର ମିଶ୍ର, ମହେନ୍ଦ୍ର ବାରିକ, ସତ୍ୟବ୍ରତ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି,ଏକାଦଶୀ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି।


ପୁରୁଣାକଟକ-ସମ୍ବଲପୁର ରାସ୍ତାର ଢାଉରଙ୍ଗଠାରେ ବନ୍ୟାଜଳ ପ୍ରବେଶ କରିଛି।

## ରାସ୍ତାରେ ୪ ଫୁଟ ଉଚ୍ଚର ବନ୍ୟାଜଳ

ଟିଗିରିଆ, ୩।୮(ଜାଫର ଖାଁ)

ମହାନଦୀ ଉତ୍ତରକୁଳାଟ ଅଞ୍ଚଳ ଟିଗିରିଆ ବ୍ଲକ ଅଧିନ ସୋମପଡା, ବଡନାଉପୁଟ, ହାଟମାଳ, ଗଦାଧରପୁର, ବିନ୍ଧାଣିମା ଓ ପୁରୁଣା ଟିଗିରିଆ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ସୁଦ୍ଧା ବିଭିନ୍ନ ଉତ୍ସରୁ ମିଳିଥିବା ସୁଚନା ମୁତାବକ ଟିଗିରିଆ ବ୍ଲକର ସୋମପଡା ଗ୍ରାମରୁ ମହାନଦୀର ଉତ୍ତରକୁଳାଟ ଅଞ୍ଚଳ ସହ ଯୋଗାଯୋଗ କରୁଥିବା ସୋମପଡା-ଖଣ୍ଡହତା ଗ୍ରାମ୍ୟ ଉନ୍ନୟନ ରାସ୍ତାର ବଡବନ୍ଧ ନାଳ ଉପରେ ବର୍ତ୍ତମାନ ୪ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ଧ ନିକଟରେ ଥିବା ବଡବନ୍ଧୀଆଣିଙ୍କ ମନ୍ଦିର ଓ ବୁଢ଼ା ମହାଦେବଙ୍କ ପୀଠରେ ବନ୍ୟାଜଳ ପଶିଛି। ଫଳରେ ମହାନଦୀର ଉତ୍ତରକୁଳାଟ ଅଞ୍ଚଳ ସହ ଯୋଗାଯୋଗ କରୁଥିବା ଅନ୍ୟତମ ରାସ୍ତାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ପଞ୍ଚାୟତ ଅଧିନ ଚଷାଆଁରା ଗ୍ରାମଟି ଜଳବନ୍ଦୀ ହୋଇଯାଇଛି। ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟିଗିରିଆର ବିଭିନ୍ନ ବନ୍ୟାଞ୍ଚଳ ପରିକ୍ରମା କରିଛନ୍ତି।


ବୁଢ଼ା ମହାଦେବଙ୍କ ପୀଠରେ ବନ୍ୟାଜଳ ଜମିଛି।

## ମହାନଦୀରେ କୁଦରୁ ନିଖୋଜ ଅମିନ ଉଦ୍ଧାର

ବଡ଼ମ୍ବା,୩।୮(ମାୟାଧର ମଲ୍ଲିକ)

ମହାନଦୀ ମଧ୍ୟରେ ଥିବା କୁଦକୁ ବୁଧବାର ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗାଁର ୨ ଜଣ ବ୍ୟକ୍ତି ଗାଈ,ମେଣ୍ଢା ଚରାଇବାକୁ ଯାଇଥିଲେ। ବୁଧବାର ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିଲେ। ତାଙ୍କୁ ଗୁରୁବାର ପୂର୍ବାହ୍ନ ୧୧ଟାରେ କୁଦରୁ ଉଦ୍ଧାର କରାଯାଇଛି। ସେ ହେଲେ ଶଙ୍ଖାମେରୀ ଗାଁର ଅମିନ ନାଏକ (୪୮)। ଅମିନ ଅସୁସ୍ଥ ଥିବାରୁ ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ଅମିନ ଚିକିତ୍ସାଧୀନ ଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି। ଏଥିସହ ମହାନଦୀରେ ଭାସି ଯାଉଥିବା ୧୨ଟି ମେଣ୍ଢାଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ଶଙ୍ଖାମେରୀ ଗାଁର ବସନ୍ତ ବେହେରା ଓ ଅମିନ ଗାଈ ଓ ମେଣ୍ଢା ଚରାଇବାକୁ ଯାଇ ମହାନଦୀରେ ଫସି ଯାଇଥିଲେ। ଠିକ ସମୟରେ ଘରକୁ ନ ଫେରିବାରୁ ଉଭୟଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନଥିଲା।

# ୬ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ

### ବାଙ୍କୀରେ ବିପଦ ସଙ୍କେତ ଉପରେ ବନ୍ୟାଜଳ

ବାଙ୍କୀ,୩।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ହୀରାକୁଦରୁ ବନ୍ୟାଜଳ ଛଡ଼ାଯିବା ପରେ ମହାନଦୀର ବାଙ୍କୀଠାରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏଠାରେ ବିପଦ ସଂକେତ ୭.୭୮ମିଟର ଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ୭.୮୧ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ବାଙ୍କୀର ତଳିଆ ଅଞ୍ଚଳରେ ମଧ୍ୟ ମହାନଦୀର ବନ୍ୟାଜଳ ପ୍ରବେଶ କରିଛି। ସରଣ୍ଡା ସୁବର୍ଣ୍ଣପୁର ନିକଟ ହୁଲୁହୁଲା ପୋଲ ଉପରେ ୫ଫୁଟର ବନ୍ୟାଜଳ ପ୍ରବାହିତ ହୋଇଛି। ଫଳରେ ବାଙ୍କୀ ବ୍ଲକର ୬ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେଗୁଡ଼ିକ ହେଲା ବାଉଁଶପୁଟ, ବନ୍ଦାଳ, ରତାଗଡ, ଓସ୍ତିଆ, ସୁବର୍ଣ୍ଣପୁର ଓ କନ୍ତପହଁରା। ସେହିପରି ଡମପଡ଼ା ବ୍ଲକ ଶିମିଳିପୁର -ବିଲିପଡା ରାସ୍ତାର କଇଁଆ ନାଳ ଉପରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେବା ଫଳରେ ବିଲିପଡା-ଶିମିଳିପୁର-ତାଳବସ୍ତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ରଣନଦୀ ଦେଇ ମହାନଦୀ ବନ୍ୟାଜଳ ପ୍ରବେଶ କରିବା ଫଳରେ ବିଲିପଡା, ତାଳବସ୍ତ, ପାଟପୁର, ଗୋପାଳପୁର ଅଞ୍ଚଳ ଜଳମଗ୍ନ ହେଉଛି। ସେହିପରି ବାଙ୍କୀ କଳାପଥର ରାସ୍ତାର ଚନ୍ଦ୍ରପା ସେତୁରେ ୨ଫୁଟ ଉଚ୍ଚର ପାଣି ପ୍ରଭାବିତ ହେଉଛି। ଡମପଡ଼ା ବ୍ଲକ କଇଁମୁଣ୍ଡି ଗାଁ ବନ୍ୟାଜଳ ଘେରରେ ରହିଛି। ଜନସାଧାରଣ ଗାଁ ଛାଡି ଉଚ୍ଚ ଜାଗାକୁ ଚାଲିଯାଇଛନ୍ତି। କଇଁମୁଣ୍ଡି ,ବିଲିପଡା ଓ ଶିମିଳିପୁର ଅଞ୍ଚଳରେ ଗୋଟିଏ ଲେଖାଏଁ ବୋଟ୍ ଯୋଗାଇ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ବାଙ୍କୀରେ ଜିରୋ କାଜୁଆଲିଟି ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ଉପଜିଲାପାଳ ରଞ୍ଜନ କୁମାର ଜେନା ପ୍ରକାଶ କରିଛନ୍ତି। କଟକର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ବାଙ୍କୀରେ ଉପସ୍ଥିତ ରହି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।


ବାଙ୍କି ବ୍ଲକର କାଣିମୁଣ୍ଡି ଗାଁ ପାଣି ଘେରରେ।

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ ବଟି ମାଗି ୨ ଗିରଫ

ବଲଙ୍ଗା,୩।୮(କେଦାରେଶ୍ୱର ନନ୍ଦ)

ବଲଙ୍ଗା ବଜାରସ୍ଥିତ କଳଘର ଛକଠାରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରି ବଟି ମାଗିବା ଅଭିଯୋଗରେ ବଲଙ୍ଗା ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଲଙ୍ଗା ସାହିର କୁନା ନାୟକ (୩୧) ଓ ରମେଶ ନାୟକ (୨୭)। ଏନେଇ ଏକ ମାମଲା (ନଂ.୧୩୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ନିମାପଡ଼ା ଉପ କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କୁନା ଓ ରମେଶ ହାତରେ ଖଣ୍ଡା ଧରି କଳଘର ଛକଠାରେ ଥିବା ଦୋକାନୀମାନଙ୍କୁ ଭୟଭୀତ କରିବା ସହ ଦାଦାବଟି ନ ଦେଲେ ଦୋକାନ କରାଇଦେବୁ ନାହିଁ ବୋଲି ଆତଙ୍କ ସୃଷ୍ଟି କରୁଥିଲେ। ସେହି ସମୟରେ ସେହି ବାଟଦେଇ ପୋଲିସ ପାଟ୍ରୋଲିଂ ଗାଡି ଆସୁଥିବା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଏଏସ୍ଆଇ ପ୍ରଶାନ୍ତ ବେହେରା ପୋଲିସ ଟିମ ଅଭିଯୁକ୍ତଙ୍କୁ କାବୁ କରି ତାଙ୍କ ନିକଟରୁ ଏକ ଖଣ୍ଡା ଜବତ କରିବା ସହ ୨ଜଣଙ୍କୁ ଥାନାକୁ ନେଇଥିଲେ। ପଚରାଉଚରା ପରେ ସେମାନଙ୍କୁ ଗିରଫ କରିଥିଲେ।

### ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବେଗୁନିଆ,୩।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ ପରିଛଳ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରତିହାରୀ ଗତ ସୋମବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ପ୍ରଧାନଶିକ୍ଷକ ପ୍ରଭାତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭଗବାନ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶେଖ୍ ଗହ୍ୱର ଅଲ୍ଲୀ ମୁଖ୍ୟବକ୍ତା, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ବେଗୁନିଆ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ଉପସଭାପତି ଶ୍ରୀନିବାସ ମିଶ୍ର, ସମ୍ପାଦକ ରତିକାନ୍ତ କହଲସିଂହ, ଉପସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ସିମୋର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ତାଳତୁମ୍ବ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ଖୋର୍ଦ୍ଧା ହାଇସ୍କୁଲ ଏନ୍‌ପିଏସ୍ ସଂଘ ସଭାପତି ସୀତାକାନ୍ତ ମିଶ୍ର, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ସାମାଜିକ କର୍ମୀ ଜିତେନ୍ଦ୍ର କୁମାର ପାହାଡ଼ସିଂହ, ଜାଗେଶ୍ୱର ମାଝୀ, ଦୁର୍ଗା ଚରଣ ସ୍ୱାଇଁ, ଡାଳତୋଳା ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ଶିକ୍ଷକ ନୃସିଂହ ଚରଣ ମହାପାତ୍ର, ପୁରୁଷୋତ୍ତମ ବେହେରା, ମୋ ସ୍କୁଲ ସଭାପତି କୈଳାସ ଚନ୍ଦ୍ର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପ୍ରତିହାରୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ଶିକ୍ଷକ ସୁଧାକର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୮ ଦିନ ପରେ ଖୋଲିଲା ମାର୍କେଟ ବିଲ୍ଡିଂ

- ୫ବର୍ଷ ବଢ଼ିଲା ବିଏମ୍‌ସି ଓ ଆସୋସିଏଶନ ମଧ୍ୟରେ ଥିବା ରାଜିନାମା
- ମାର୍କେଟ ଖୋଲିଲେ ଉଠାଦୋକାନୀ ବ୍ୟବସାୟ କରିବେ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)



ବହୁ ବାଦବିବାଦ, ଧାରଣା ଏବଂ ଆଲୋଚନା ପରେ ଗୁରୁବାର ୟୁନିଟ-୨ ସ୍ଥିତ ମାର୍କେଟ ବିଲ୍ଡିଂ ସର୍ବସାଧାରଣଙ୍କ ପାଇଁ ଖୋଲିଛି। ୧୮ଦିନ ପରେ ବିଧିବଦ୍ଧ ଭାବେ ମାର୍କେଟ ବିଲ୍ଡିଂ ଖୋଲିବା ନେଇ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଏମ୍‌ସି ଓ ଆସୋସିଏଶନ ମଧ୍ୟରେ ପୂର୍ବରୁ ହୋଇଥିବା ରାଜିନାମାକୁ ଆଉ ୫ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହ ଉଠାଦୋକାନୀମାନେ ସେଠାରେ ବସି ପାରିବେ ନାହିଁ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେବା ପରେ ଏବେ ମାର୍କେଟ ଖୋଲା ଯାଇଛି। ରାଜିନାମା ଅନୁଯାୟୀ, ଏଣିକି ମାର୍କେଟ ବିଲ୍ଡିଂ ଉଠାଦୋକାନୀଙ୍କ କବଳରୁ ଜବରଦଖଲମୁକ୍ତ ରହିବ। ମାର୍କେଟ ଗେଟ୍ ସମ୍ମୁଖରେ ମଧ୍ୟ କୌଣସି ଉଠାଦୋକାନୀ ବସି ପାରିବେ ନାହିଁ। ଏହାର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ଆସୋସିଏଶନ ନେଇଥିବାବେଳେ ପରିମଳ ବ୍ୟବସ୍ଥା ଦୁଇପକ୍ଷଙ୍କ ଦାୟିତ୍ୱ ରହିବ। ଏଥିସହ ମାର୍କେଟ ପୂର୍ବ ଏବଂ ପଶ୍ଚିମ ଗେଟ୍‌ରେ ପର୍ଯ୍ୟାପ୍ତ ସିକ୍ୟୁରିଟି ରହିବେ। ଯଦି କେହି ଜବରଦଖଲ କରିବାକୁ ଚେଷ୍ଟା କରିବେ ତେବେ ସ୍ଥାନୀୟ ପୋଲିସ ସହାୟତାରେ ସଙ୍ଗେସଙ୍ଗେ ସେମାନଙ୍କୁ ଉଠାଯିବ। ଏବଂ ସେମାନଙ୍କ ନାମରେ ଏତଲା ଦିଆଯିବ। ସେହିପରି ମାର୍କେଟ ମଧ୍ୟକୁ ଯେଭଳି ଦମକଳ ଗାଡ଼ି ସହଜରେ ଯାଇପାରିବ ସେ ନେଇ ଖୋଲା ସ୍ଥାନ ରଖାଯିବ। ବିଏମ୍‌ସିର ଅନୁମତି ନ ନେଇ ଆସୋସିଏଶନ ମାର୍କେଟ ମଧ୍ୟରେ କୌଣସି ବିଜ୍ଞାପନ ବୋର୍ଡ ଲଗାଇ ପାରିବ ନାହିଁ ବୋଲି ରାଜିନାମାରେ ଉଲ୍ଲେଖ ରହିଛି। ଏହାବାଦ୍ ଆସୋସିଏଶନ ଏବଂ ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣକୁ ଆହୁରି ଉନ୍ନତ କରାଯିବ। ୧୮ଦିନ ଧରି ମାର୍କେଟ ବନ୍ଦ ରହିଥିବାରୁ ପ୍ରାୟ ୧୦୦କୋଟି ଟଙ୍କାର କ୍ଷତି ହୋଇଥିବା ପ୍ରଦ୍ୟୁମ୍ନ କହିଛନ୍ତି। ତେବେ ମାର୍କେଟ ଖୋଲିଥିବାରୁ ଉଭୟ ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରେ ଖୁସି ଦେଖା ଦେଇଥିଲା।

ଗୋଟିଏପଟେ ଆସୋସିଏଶନ୍‌ର ଦାବି ପୂରଣ ହୋଇଥିବା ବେଳେ ଉଠାଦୋକାନୀଙ୍କ ମଧ୍ୟରେ ଏହାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଛି। ମାର୍କେଟ ଖୋଲିବା ମାତ୍ରେ ଉଠାଦୋକାନୀମାନେ ଭିତରେ ବ୍ୟବସାୟ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ଦୀର୍ଘବର୍ଷ ଧରି ସେମାନେ ସେଠାରେ ବ୍ୟବସାୟ କରି ଆସୁଛନ୍ତି। ଉଚ୍ଚନ୍ୟାୟାଳୟରୁ ସେମାନେ ଷ୍ଟେ ଅର୍ଡର ମଧ୍ୟ ଆଣିଛନ୍ତି। ବିଏମ୍‌ସିଏ ଯାଏ ସେମାନଙ୍କ ସହ ଆଲୋଚନା କରି ନଥିବାବେଳେ କୌଣସି ଥଇଥାନ ନ କରି କିଭଳି ସେମାନଙ୍କୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେଲେ ତାକୁ ନେଇ ପ୍ରଶ୍ନ କରିଛନ୍ତି। ପ୍ରଥମେ ଜାଗା ଚିହ୍ନଟ କରି ଥଇଥାନ କରୁ ତା' ପରେ ମାର୍କେଟ ଭିତରକୁ ପ୍ରବେଶ ପାଇଁ ବାରଣ କରାଗଲେ ଯୁକ୍ତିଯୁକ୍ତ ହେବ ବୋଲି ପ୍ରତାପ କହିଛନ୍ତି। ସୂଚନାଯୋଗ୍ୟ, ଉଠାଦୋକାନୀଙ୍କୁ ମାର୍କେଟରୁ ସ୍ଥାୟୀ ଭାବେ ଉଠାଇବା ପାଇଁ ଦାବି କରି ଜୁଲାଇ ୧୭ରେ ମାର୍କେଟ ବିଲ୍ଡିଂକୁ ବନ୍ଦ କରାଯାଇଥିଲା।

## ସମ୍ଭାବ୍ୟ ବନ୍ୟା ସ୍ଥିତି ସମୀକ୍ଷାକଲେ ଜିଲାପାଳ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା କରୁଛନ୍ତି।

ଜଟଣୀ,୩।୮ (ରବୀନ୍ଦ୍ର ନାଥ ମହାକୁଡ଼)

ରାଜ୍ୟରେ ବର୍ଷା ଥମୁ ନ ଥିବା ବେଳେ ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ପଞ୍ଚାୟତର ପାଣ୍ଡିଆବିଲି ଦେଇ ଯାଇଥିବା ଦୟାନଦୀରେ ସମ୍ଭାବ୍ୟ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ଦୟା ଓ ରାଜୁଆ ନଦୀର ସଙ୍ଗମସ୍ଥଳ ପାଣ୍ଡିଆବିଲିଠାରେ ଗତ ୨୬ ତାରିଖରେ ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ଅସ୍ଥାୟୀ ନଦୀବନ୍ଧ ରାସ୍ତା ଲଗାଣ ବର୍ଷାରେ ଧୋଇଯାଇ ୬୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ଫଳରେ ପୁରୀ ଓ ଖୋର୍ଦ୍ଧା ଜିଲାର ୩ଟି ପଞ୍ଚାୟତର ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ଗ୍ରାମବାସୀ ଡଙ୍ଗାରେ ଯାତାୟାତ

### ପାଣ୍ଡିଆବିଲି ଅଞ୍ଚଳ ଗସ୍ତ

କରୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଜିଲାପାଳ ଚକ୍ରବର୍ତ୍ତୀ ପାଣ୍ଡିଆବିଲି ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ନଦୀର ଜଳସ୍ତର ଉପରେ ନଜର ଦେବା ସହିତ ସଜାଗ ରହିବାକୁ ବିଡିଓ ସରୋଜ କୁମାର ରାଉତ, ଇରିଗେସନ ଅଧିକାରୀ, ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ବେଣାପଞ୍ଜରୀ ଏବଂ ତିରିମଲ୍ଲ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ସମ୍ଭାବ୍ୟ ବନ୍ୟା ସ୍ଥିତି ଲାଗି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ଥିବା ଏବଂ ପରିସ୍ଥିତି ଉପରେ ନଜର ରଖାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୩।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଏଡିପିଏଚ୍ଓ (ଏଫ୍.ଡବ୍ଲ୍ୟୁ) ରଘୁନାଥ ନାୟକ, ଶିଶୁ ବିଶେଷଜ୍ଞ ଡା. ହେମନ୍ତ ମିଶ୍ର ଓ ପ୍ରସନ୍ନ କୁମାର ମହାପାତ୍ର, ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ, ପିଏଚ୍ଇଓ

### ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ମା' କ୍ଷୀର ଜରୁରୀ

ପ୍ରଭାସିନୀ ପଣ୍ଡା, ବେଗୁନିଆ ସିଡିପିଓ ରଞ୍ଜୁବାଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଶା ଓ ଅଙ୍ଗନୱାଡି କର୍ମୀ, ଗର୍ଭବତୀ, ପ୍ରସୂତିମାନେ ଯୋଗଦେଇ ସ୍ତନ୍ୟପାନ ସମ୍ପର୍କରେ ସଚେତନ ହୋଇଥିଲେ। ଏଥିରେ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। କର୍ମଜୀବୀ ମହିଳାମାନେ କିପରି ଶିଶୁକୁ ସ୍ତନ୍ୟପାନ କରାଇ ପାରିବେ ସେ ସମ୍ପର୍କରେ ସିଡିଏମ୍ଓ ବିଶଦ ବିବରଣୀ ପାଠ କରିଥିଲେ। ସେହିପରି ସ୍ତନ୍ୟପାନର ଗୁରୁତ୍ୱ ଓ ଉପକାରିତା ସମ୍ପର୍କରେ ଆଲୋଚନା କରାଯିବା ସହିତ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ମା'ର କଷ କ୍ଷୀର ଜରୁରୀ ବୋଲି ଡା. ନାୟକ କହିଥିଲେ। ଶିଶୁ ବିଶେଷଜ୍ଞ ଡା. ମିଶ୍ର ସ୍ତନ୍ୟପାନର ଉପାଦେୟତା ଯଥା ଜନ୍ମରୁ ଏକ ଘଣ୍ଟା ମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଇବା, ଡବା କ୍ଷୀର ଅପେକ୍ଷା ଶିଶୁଜନ୍ମର ପ୍ରଥମ ୬ ମାସ କେବଳ ମା'କ୍ଷୀର ପାନ କଲେ ସବୁଠାରୁ ଭଲ, ମା'ର କଷ କ୍ଷୀର ଶିଶୁର ପ୍ରଥମ ପ୍ରତିଷେଧକ ବୋଲି ସୂଚନା ଦେଇଥିଲେ। ଡା. ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ଭୁଜାଲି ଚୋଟରେ ମହିଳାଙ୍କ ସମେତ ୨ ଗୁରୁତର

ନିମାପଡ଼ା,୩।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ରଡବଜାର ଗ୍ରାମରେ ପାରିବାରିକ ଓ ଜାଗାବାଡି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗଣ୍ଡଗୋଳ ମଧ୍ୟରେ ଭୁଜାଲି ଚୋଟରେ ଗୋଟିଏ ପରିବାରର ଜଣେ ମହିଳାଙ୍କ ସମେତ ୨ଜଣ ଗୁରୁତର ହୋଇଛନ୍ତି। ଏପରିକି ସେମାନଙ୍କୁ ଜୀବନରେ ମାରିଦେବାକୁ ହତ୍ୟା ଧମକ ମଧ୍ୟ ଦିଆଯାଇଛି। ଏନେଇ ଗୁରୁତର ହୋଇଥିବା ପରିବାର ପକ୍ଷରୁ ଏକ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିଷ ପିଇ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା)

ବିଷ ପିଇ ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ବେଦ ପ୍ରକାଶ (୧୯)। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନଥିବା ବେଳେ ପାଠ ପଢ଼ା ଚାପରେ ଏଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ଏନେଇ ନୟାପଲ୍ଲୀ ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ଖୋଲତାଡ଼ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଥିବା ଜଣାପଡିଛି।

## ସ୍ଥିର ଲକ୍ଷ୍ୟ ସଫଳତା ଆଣେ: ଜସେଶ୍ୱରୀ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)



ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ୨୦୨୧ ପରୀକ୍ଷାଫଳ ଗତ ସୋମବାର ପ୍ରକାଶ ପାଇଛି। ଏଥିରେ ଖୋର୍ଦ୍ଧା ପଲ୍ଲାହାଟ କୋଣାର୍କ ନଗର ଅଞ୍ଚଳର ଜସେଶ୍ୱରୀ ସ୍ୱାଇଁ ୧୨୯ ନମ୍ବର ର୍‌ୟାଙ୍କ ରଖିବା ସହ କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ (ବିଏସ୍‌ଏସ୍ଓ) ଭାବେ ଜସେଶ୍ୱରୀ କାର୍ଯ୍ୟରତ ଅଛନ୍ତି। ତାଙ୍କ ନିଜ ଘର କଳାପଥର ଅନ୍ତର୍ଗତ ମଧୁଆପଲ୍ଲୀ। ଦୀର୍ଘ ୨୦ ବର୍ଷ ହେବ ସେ ମା'ବାପାଙ୍କ ସହିତ ଖୋର୍ଦ୍ଧାରେ ରହୁଛନ୍ତି। ବାପା ସୁରେନ୍ଦ୍ର ସ୍ୱାଇଁ ଜଣେ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବାବେଳେ ମା' ସ୍ୱର୍ଣ୍ଣଲତା ଗୃହିଣୀ। ଏନେଇ ଜସେଶ୍ୱରୀ କହିଛନ୍ତି, ପ୍ରଥମ ଥର ୨୦୨୦ରେ ଓସିଏସ୍ ପରୀକ୍ଷା ଦେଇଥିଲେ। କିଛି ମାର୍କ ପାଇଁ କୃତକାର୍ଯ୍ୟ ହୋଇପାରି ନ ଥିଲେ। ଭାଙ୍ଗି ନ ପଡି ନିରନ୍ତର ଚେଷ୍ଟା କରିଥିଲେ। ବିଫଳତା ପଛରେ ସଫଳତା ରହିଛି। ଏହି ଉକ୍ତିକୁ ଅନୁସରଣ କରି ୨୦୨୧ରେ ପୁନଃ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ସେ ଖୋର୍ଦ୍ଧାର ଆରାଧ୍ୟା ଦେବୀ ମା' ବରୁଣେଇ, କରୁଣେଇ, ଶିକ୍ଷକ, ଶିକ୍ଷୟିତ୍ରୀ, ପରିବାରବର୍ଗ ଓ କୋଣାର୍କ ନଗର ଅଞ୍ଚଳବାସୀଙ୍କ ସହଯୋଗ ଯୋଗୁ ଏହି ସଫଳତା ପାଇଛନ୍ତି ବୋଲି ସେ କହିଛନ୍ତି। ବିନା କୋଚିଂରେ ୧୦ରୁ ୧୨ ଘଣ୍ଟା ପରିଶ୍ରମ ଜାରି ରଖିଥିଲି। ପ୍ରଚେଷ୍ଟା, ଲକ୍ଷ୍ୟସ୍ଥଳ ସ୍ଥିରତା ସଫଳତା ଆଣିଦିଏ। ତବେ ପ୍ରଶାସନିକ ସେବାରେ ନିଯୁକ୍ତି ପରେ ସରକାରଙ୍କ ସମସ୍ତ ଯୋଜନା କିଭଳି ସବୁ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ପ୍ରାଥମିକତା ରହିବ। ତୃଣମୂଳ ସ୍ତରରେ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ପଡିବ ବୋଲି ଜସେଶ୍ୱରୀ କହିଛନ୍ତି।

## ୧୦ ବ୍ଲକରୁ ସ୍ଥାନ ପାଇବ ଶହେ ପ୍ରକଳ୍ପ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ମାଧ୍ୟମିକ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଜିଲାସ୍ତରୀୟ ବିଜ୍ଞାନମେଳା ଆୟୋଜନ ନେଇ ଗୁରୁଜଙ୍ଗସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣି ଅଧ୍ୟକ୍ଷତା କରିଥିଲେ। ଉକ୍ତ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଏହି ବିଜ୍ଞାନମେଳାର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୫ ତାରିଖରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ୧୦ ବ୍ଲକରୁ ମନୋନୀତ ହୋଇଥିବା ଶହେଟି ପ୍ରକଳ୍ପଧାରୀ ଅଂଶଗ୍ରହଣ ପାଇଁ ସ୍ଥିର କରାଯାଇଛି। ସୁପରିଚାଳନା ନିମନ୍ତେ ଗଠିତ ବିଭିନ୍ନ





ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

### ଜିଲାସ୍ତରୀୟ ମାଧ୍ୟମିକ ଶ୍ରେଣୀ ବିଜ୍ଞାନମେଳା ପ୍ରସ୍ତୁତି ବୈଠକ

କମିଟି ସଦସ୍ୟା ସଦସ୍ୟମାନେ ମତବ୍ୟକ୍ତ ପ୍ରଦାନ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଓ ଜିଲାସ୍ତରୀୟ ବିଜ୍ଞାନ ମେଳା ସରସ ସୁନ୍ଦର ଭାବେ ସମ୍ପାଦନ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ସୁଧାକର ମହାପାତ୍ର, ଗଣେଶ୍ୱର ମିଶ୍ର, ବିଭୂତି ଭୂଷଣ ସେନାପତି, ତୋଫାନ ରାଉତରାୟଙ୍କ ସମେତ ଯୁଧିଷ୍ଠିର ସାହୁ, ରବୀନ୍ଦ୍ର ପ୍ରଧାନ, ରବିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତର ଆର୍ଥିକ ସମ୍ବଳ ବୃଦ୍ଧି ନେଇ ତାଲିମ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୩।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଉପରେ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ୭ଟି ପଞ୍ଚାୟତ ଅରଖକୁଦା, ଅଲଣ୍ଡା, ବଡଝାଡ଼, ବଡ଼ଅଁଳ, ବୁଦ୍ଧିବର, ବଜ୍ରକୋଟ, ବ୍ରହ୍ମପୁର ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଏହି ସମସ୍ତ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ ବିଭାଗର ୭୦ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଡିଓ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ସିପି ପ୍ରଭାତ କୁମାର ଜେନା, ଏପିଓ ଅଭିନ୍ନ କୁମାର ପଲାଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ତରେଇ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ମନୋଜ କୁମାର ସ୍ୱାଇଁ, ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଦାରିଦ୍ର୍ୟମୁକ୍ତ ଉନ୍ନତ ପଞ୍ଚାୟତ ଗଠନ ତଥା ଗ୍ରାମପଞ୍ଚାୟତର ନିଜସ୍ୱ ସମ୍ବଳ କିଭଳି ବୃଦ୍ଧି ପାଇପାରିବ ସେନେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ବନ୍ଦନା ପଟ୍ଟନାୟକ, ସମ୍ପାଦିକା ସୁଭାସିନୀ ପଲେଇ, ବଡଝାଡ଼ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ କୁନିରାଣୀ ଜେନା, ରଶ୍ମି ରଞ୍ଜନ ପଟ୍ଟନାୟକ, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ତାଲିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ୫ରେ ବେଗୁନିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ପଦଯାତ୍ରା

ବେଗୁନିଆ,୩।୮ (ହର ପ୍ରସନ୍ନ ପଣ୍ଡା)



ବିଭିନ୍ନ ଦାବି ନେଇ ବେଗୁନିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆସନ୍ତା ୫ରେ ପଦଯାତ୍ରାକୁ ଓହ୍ଲାଇବ। ବେଗୁନିଆ ସଦର ମହକୁମାସ୍ଥିତ ଶିକ୍ଷକ ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ହୋଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାମ ଚନ୍ଦ୍ର ଷଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦାଶରଥି ବେହେରା, ପ୍ରାଥମିକ ବିଦ୍ୟାଳୟର ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ସଦସ୍ୟ ସୁରେଶ ଚନ୍ଦ୍ର ସେଠୀ, ସରୋଜ କୁମାର ବେହେରା, ମାନସ କୁମାର ବେହେରା, ମାଗୁଣି ସାହୁ, ନିରଞ୍ଜନ ମାଟି, ଗୋଲକ ବିହାରୀ ସାହୁ, ଆଲୋକ କୁମାର ସାମନ୍ତରାୟ, ବିଶ୍ୱଜିତ ପଟ୍ଟନାୟକ, ସନ୍ତୋଷ କୁମାର ମହାପାତ୍ର, ବୀର କିଶୋର ମହାରଣାଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ। ପଦଯାତ୍ରାକୁ କିପରି ସଫଳ କରାଯିବ ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡା ବୋଲି ଉପଦେଷ୍ଟା ପ୍ରହରାଜ କହିଥିଲେ। ସେହିପରି ସଂଘର ସମସ୍ତ ସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଧାର୍ଯ୍ୟ କରାଯାଇଥିବା ଦିନ ପୂର୍ବାହ୍ନରେ ସ୍ଥାନୀୟ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଏକତ୍ରିତ ହେବେ। ସେଠାରୁ ପଦଯାତ୍ରା ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା ହେବ। ଠିକା ନିଯୁକ୍ତି ଉଚ୍ଛେଦ, ଗଣଶିକ୍ଷକ ପଦକୁ ଉଚ୍ଛେଦ କରାଯାଇ ପ୍ରାଥମିକ ଶିକ୍ଷକର ମାନ୍ୟତା ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନସନ ପ୍ରଦାନ ଆଦି ଦାବି ରହିଛି।

## ଡେଙ୍ଗୁ : ଖୋର୍ଦ୍ଧାରେ ୬୪୫, ରାଜଧାନୀରେ ୬୦୫ ଆକ୍ରାନ୍ତ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)



- ୧୦୦ ନମୁନାରୁ ୧୦ ପଜିଟିଭ୍
- ସେପ୍ଟେମ୍ବର ଯାଏ ପିକ୍‌ରେ ରହିବ

ରାଜଧାନୀବାସୀଙ୍କୁ ଏବେ ଡେଙ୍ଗୁ ଭୟ ଘାରିଛି। ପ୍ରତି ୧୦୦ ନମୁନାରୁ ୧୦ ନମୁନା ପଜିଟିଭ ଚିହ୍ନଟ ହେଉଥିବାବେଳେ ଆକ୍ରାନ୍ତଙ୍କ ହାର ଦିନକୁ ଦିନ ବଢିବାରେ ଲାଗିଛି। ଜୁଲାଇ ଦ୍ୱିତୀୟ ସପ୍ତାହରେ ସହରରୁ ଦୈନିକ ୭ରୁ ୧୦ ରୋଗୀ ଚିହ୍ନଟ ହେଉଥିବାବେଳେ ଏବେ ଦୈନିକ ରୋଗୀଙ୍କ ସଂଖ୍ୟା ୪୦ରୁ ୫୦ ମଧ୍ୟରେ ରହୁଛି। ଦୈନିକ ଚିହ୍ନଟ ରୋଗୀଙ୍କ ସଂଖ୍ୟାରେ କିଛି ବ୍ୟାପକ ସୁଧାର ଆସୁନଥିବାବେଳେ ସେପ୍ଟେମ୍ବର ମାସ ଯାଏଁ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ପିକ୍‌ରେ ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ପ୍ରତ୍ୟେକ ବର୍ଷ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହ ପିକ'ରେ ରୁହେ। ତେବେ ଭୁବନେଶ୍ୱର ଏହାର ହଟ୍‌ସ୍ପଟ୍ ପାଲଟିଥିବାରୁ ଏନେଇ ଚିନ୍ତା ବଢ଼ିଛି। ଗତ ୨୪ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ମୋଟ୍ ୪୯ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ କେବଳ ଭୁବନେଶ୍ୱରରୁ ୪୬ଜଣ ରହିଛନ୍ତି। ତେବେ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶଙ୍କ ଘରେ ପୂର୍ବରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସଚେତନ ହେଉ ନ ଥିବାରୁ ରୋଗୀସଂଖ୍ୟା ବୃଦ୍ଧି ପାଉଥିବା ବିଏମସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଅପରପକ୍ଷେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଖୋର୍ଦ୍ଧାରୁ ୬୪୫ ଜଣ ରୋଗୀ ଥିବାବେଳେ ସେଥିରୁ ଭୁବନେଶ୍ୱରରୁ ୬୦୫ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦୦ ରୋଗୀ କ୍ୟାପିଟାଲ ହସ୍ପିଟାଲରେ ପର୍ଯ୍ୟାୟକ୍ରମେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ୩୪ ରୋଗୀ ଚିକିତ୍ସାଧୀନ ଥିବାବେଳେ ୨୭୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧପାଉଥିବାରୁ କ୍ୟାପିଟାଲ ହସ୍ପିଟାଲରେ ୭୦ ବେଡ ଯାଏ ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ସ୍ଥିତି ରାଜଧାନୀ ଭୁବନେଶ୍ୱରରୁ ଦିନକୁ ଦିନ ଉଦବେଗଜନକ ହେବାରେ ଲାଗିଛି। ଜୁନ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୧୭୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମାତ୍ର ଏବେ ସଂକ୍ରମିତଙ୍କ ସଂଖ୍ୟା ହଜାରେ ଟପିଛି। ଡେଙ୍ଗୁକୁ ନିୟନ୍ତ୍ରଣ କରିବାରେ ବିଏମସି ଓ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଛି। ଏବେଠାରୁ ସ୍ଥିତି ନସୁଧାରିଲେ ଅଗଷ୍ଟ ଶେଷ ସୁଦ୍ଧା ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହଜାରେ ଟପିବ ବୋଲି ଆଶଙ୍କା କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୪ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ବୋଧିଚକ୍ରର ମାସିକ ଅଧିବେଶନ

ପୁରୀ,୩।୮(ଅଜିତ ମହାନ୍ତି)

ବୈଦ୍ଧିକ ଅନୁଷ୍ଠାନ ବୋଧିଚକ୍ରର ମାସିକ ଅଧିବେଶନ ଜଟିଆବାବା ଆଶ୍ରମ ସମ୍ମୁଖସ୍ଥ କୁଳଦାନନ୍ଦ ବ୍ରହ୍ମଚାରୀ ଆଶ୍ରମ ପରିସରରେ ବୌଦ୍ଧଦର୍ଶନରେ ବର୍ଷାମାସ ଓ ମଳ ମାସର ମଳପୂର୍ଣ୍ଣିମା ସମ୍ପର୍କରେ ତଥା ପୁରୁଷୋତ୍ତମ ମାସର ମହତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ଧ୍ୟାନ କରାଯିବା ସହ ବିଶ୍ୱମ୍ଭର ବିଦ୍ୟାପୀଠର କ୍ରୀଡା ଶିକ୍ଷକ ସ୍ୱର୍ଗତ ବିଶ୍ୱନାଥ ଭଞ୍ଜଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ସମ୍ପାଦକ ରମାବଲ୍ଲଭ ମହାପାତ୍ର ବୁଦ୍ଧ ବନ୍ଦନା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଗିରିଜା ଶଙ୍କର ପାଢୀ ଅଧ୍ୟକ୍ଷତା କରି ବୌଦ୍ଧ ଦର୍ଶନ ଓ ତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ଡା. ବଳରାମ ଦାଶ ବୌଦ୍ଧ ଦର୍ଶନରେ ବର୍ଷାମାସ ଏବଂ ମଳ ମାସର ମାହାତ୍ମ୍ୟ ଓ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କର ଦର୍ଶନରେ ମୁକ୍ତି ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚନା ଚକ୍ରରେ ଶିକ୍ଷାବିତ ଶରତ କୁମାର ସାହୁ, ସାମାଜିକ କର୍ମୀ ଶଙ୍କର ନାଥ ବାର୍ନାଜୀ, ଡା. ପ୍ରଦୀପ ଆଚାର୍ଯ୍ୟ, ଆଶୋକ, ଅଧ୍ୟାପକ ଶଙ୍କରର୍ଷଣ ପ୍ରଧାନ, ନରେନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ଅଧ୍ୟାପକ ବିଭୂତି ଭୂଷଣ କର, ବାସୁଦେବ ସାହୁ ପ୍ରମୁଖ ଯୋଗଦେଇ ବର୍ଷାକାଳୀନ ଆସର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

### ରାସ୍ତା ପାର୍ଶ୍ୱରେ ମୁକୁଳା ଟ୍ରାନ୍ସଫର୍ମର

ଟାଙ୍ଗୀ,୩।୮(ରଘୁନାଥ ସାହୁ):

ଚିଲିକା ବ୍ଲକ ଅଧୀନ କୁମାଣ୍ଡୋଳ ଏବଂ ଆଖପାଖ ଅଞ୍ଚଳର ରାସ୍ତାପାର୍ଶ୍ୱରେ ଏକାଧିକ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ବିଦ୍ୟୁତ୍ ବିଭାଗ ଅବହେଳା ପାଇଁ ଏହି ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକ ଗୋରୁଗାଈଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କୁମାଣ୍ଡୋଳ ଗ୍ରାମ ଗର୍ଭଣୀ ଠାକୁରାଣୀଙ୍କ ପୀଠ ରାସ୍ତାପାର୍ଶ୍ୱରେ ଥିବା ୬୩ କେଭି ଟ୍ରାନ୍ସଫର୍ମର ଏବଂ ଧାଉଡ଼ି ପୋଖରୀ ପାଖ ରାସ୍ତାରେ ରହିଥିବା ଦୁଇଟି ୧୦୦ କେଭିର ଟ୍ରାନ୍ସଫର୍ମର ମଧ୍ୟ ମୁକୁଳା ପଡ଼ିଛି। ଏହା ଚାରିପାଖରେ ସୁରକ୍ଷା ପାଚେରି ନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ପଦକ୍ଷେପ ନେବାକୁ କୁମାଣ୍ଡୋଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ଡକାୟତି ଯୋଜନାବେଳେ ୧୦ ଧରାପଡ଼ିଲେ

ପୁରୀ,୩।୮(ଅଜିତ ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନଥାନା ଅନ୍ତର୍ଗତ ବାଲିସାହି ଶ୍ୟାମାକାଳୀ ଲେନ୍‌ର ସୂର୍ଯ୍ୟ ନାରାୟଣ ଜେନା ଓରଫ ଜଗଲଶ, ବାଲି ସାହିର ରବି ନାରାୟଣ ପଣ୍ଡା, କୁମ୍ଭାରପଡା ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧର ଅଜୟ ପ୍ରଧାନ, ଦଣ୍ଡୋତଟା ପ୍ରଭାତ ଲେନ୍‌ର ଶଙ୍କର ସିଂହ ଏବଂ ହେରାଗୋହରୀ ସାହିର ଜୟ ଦାସ। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ, ୫ଟି ବିୟର ବୋତଲ ଜବତ କରିଛି। ଏ ନେଇ ପୋଲିସ ନଂ. ୨୭୩/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ଚକ୍ରକୋଟ ଲେନ୍‌ସ୍ଥିତ କାଜୁ ଜଙ୍ଗଲରେ ଏକାଠି ହୋଇ ସମାଗ୍ରୀ ପରିବହନ ଗାଡିକୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।



ପୁରୀ ଟାଉନଥାନା ପୋଲିସ ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି ।

ସେହିପରି କୁମ୍ଭାରପଡା ଥାନା ପୋଲିସ ଦ୍ୱାରା ଡକାୟତି ପାଇଁ ଯୋଜନା କରୁଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଉଛନ୍ତି କୁମ୍ଭାରପଡା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ଲୋକନାଥ ନନ୍ଦ ଓରଫ ଲୋକା, ଖାକିମଠ ନୂଆ ସାହିର ଅଂଶୁମାନ ପଟ୍ଟନାୟକ ଓରଫ ତୋଫା, ନବକଳେବର ନୂଆସାହିର ତାପସ ସାମନ୍ତରାୟ ଓରଫ ଅନିଲ, ନରେନ୍ଦ୍ରକୋଣ ମଙ୍ଗଳାସାହିର ରାମ ଡୋରା ଓରଫ ରାମ ଏବଂ କୁମ୍ଭାରପଡା ତଳସାହିର ଶଙ୍କର ବେଜ। ପୋଲିସ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଲୁହାରଡ, ଗୋଟିଏ ଖଣ୍ଡା, ୨ଟି ଜୀବନ୍ତ ବୋମା ଏବଂ ଗୋଟିଏ ଆରି ବାଡିଆ ଜବତ କରିଛି। ଏନେଇ ପୋଲିସ ନଂ. ୧୬୨/୨୩ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, କିଛି ଦୁର୍ବୃତ୍ତ ନରେନ୍ଦ୍ର କୋଣ ଦେବୀଘାଟଠାରେ ବିଭିନ୍ନ ମାରଣାସ୍ତ୍ର ସହ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। କୁମ୍ଭାରପଡା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମାରଣାସ୍ତ୍ର ଜବତ କରିଥିଲା। ତେବେ ଅଭିଯୁକ୍ତମାନେ ମାର୍କେଟ ଛକରେ ଥିବା ଏକ ଜୁଏଲେରୀ ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।

# ପୂର୍ବ ଶତ୍ରୁତାରୁ ହୋଇଥିଲା ଆକ୍ରମଣ


ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସୂଚନା ଦେଉଛନ୍ତି ।

ପୁରୀ,୩।୮(ଅଜିତ ମହାନ୍ତି)

### ବିଜେଡି ନେତାଙ୍କୁ ହତ୍ୟା ଉଦ୍ୟମ ଘଟଣା: ୩ ଗିରଫ

ଯୁବ ବିଜେଡି ନେତା ତଥା ବ୍ୟବସାୟୀ ସୋମନାଥ ସାହୁ ଓରଫ କପଙ୍କୁ ହତ୍ୟା ଉଦ୍ୟମ କରିଥିବା ଘଟଣାରେ ପୁରୀ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ଶ୍ୟାମଶଙ୍କର ପ୍ରଧାନ ଓରଫ ବାବୁ, ତାଳବଣିଆ ଥାନା ଅନ୍ତର୍ଗତ ପିକେଡିଏ କଲୋନୀର ସୁନୀଲ କୁମାର ପ୍ରଧାନ ଓରଫ ସିଧୁ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ର କଲୋନୀର ଚନ୍ଦ୍ରକାନ୍ତ ଜେନା ଓରଫ ଚନ୍ଦ୍ର। ଏ ନେଇ ନଂ.୧୫୯/୨୩ରେ ମାମଲା ରୁଜୁ ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିଲା ବୋଲି ଗୁରୁବାର ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମଳନୀରେ ସିଟି ଡିଏସପି ପ୍ରଶାନ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଜୁଲାଇ ୨୬ ତାରିଖ ଦିନ ରେଡ୍‌କ୍ରସ ରୋଡରେ ନିଜ ପାଣି ଗୋଦାମରେ କପ ସାହୁ ବସିଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ହଠାତ୍ ଗୋଦାମକୁ ଯାଇ କପଙ୍କୁ ବନ୍ଧୁକରେ ମୁଣ୍ଡକୁ ମାଡ଼ କରି ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତମାନେ ଓଡ଼ିଶା ବାହାରକୁ ଯିବା ପାଇଁ ଯୋଜନା କରୁଥିବା ସମୟରେ ନୟାଗଡ଼ରୁ ୩ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଘଟଣାରେ ଅନ୍ୟ ବ୍ୟକ୍ତି ବିଶେଷଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ତେବେ ଆକ୍ରମଣର ମୁଖ୍ୟ କାରଣ ପୂର୍ବ ଶତ୍ରୁତା ବୋଲି ଜଣାପଡିଛି। ଅଭିଯୁକ୍ତ ବାବୁ ପ୍ରଧାନଙ୍କ ଭାଇ ଚକରା ପ୍ରଧାନଙ୍କୁ ପୂର୍ବରୁ ଆକ୍ରମଣ ହୋଇଥିଲା। ଯେଉଁ ଆକ୍ରମଣରେ କପଙ୍କ ସମ୍ପୃକ୍ତି ଥିବା ବାବୁ ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ଜଗିରହିଥିଲା। ତେବେ ପୋଲିସ ଘଟଣାସ୍ଥଳରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ୪ଟି ଗୁଳି ସହ ଗୋଟିଏ ବାଇକ ଜବତ କରାଯାଇଥିଲା। ଆବଶ୍ୟକ ପଡିଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବ ବୋଲି ସିଟି ଡିଏସ୍‌ପି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ନାରାୟଣ ଭଞ୍ଜ, କୁମ୍ଭାରପଡା ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କ ସମେତ ବିଭିନ୍ନ ଥାନାର ଥାନାଧିକାରୀମାନେ ଉପସ୍ଥିତ ଥିଲେ।

# କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଉତ୍ସବ

କୋଣାର୍କ,୩।୮(ଜ୍ୟୋତିରାଜ ମହାନ୍ତି)

ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ତଥା ଶୋଭନୀୟ ଆନ୍ଦୋଳନ ଦ୍ୱାରା ପରିଚାଳିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ୩୪ତମ ପ୍ରତିଷ୍ଠା ଦିବସ ଗୁରୁବାର ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବେ ଭବନ୍ତୁ ସୁଖିନଃ ମନ୍ତ୍ର ଧ୍ୱନୀ ମଧ୍ୟରେ ଆନ୍ଦୋଳନର ପ୍ରତିଷ୍ଠାତା ପୂଜ୍ୟ ଶ୍ରୀକୁମାର ଭାଇଙ୍କ ଫଟୋଚିତ୍ରରେ ଧୂପ, ଦୀପ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସଞ୍ଜୁକ୍ତା ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅର୍କଶ୍ରୀର ସମ୍ପାଦକ ଉମେଶ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କୋଣାର୍କ ଅଗ୍ନିଶମ ଅଧିକାର ଜ୍ୟୋତି ପ୍ରକାଶ ରଥ, ସାମାଜିକ କର୍ମୀ ସୁବାସଚନ୍ଦ୍ର ବରାଳ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ ଯୋଗଦେଇଥିଲେ। ଏହି ଅବସରରେ ମା' ରୁକ୍ମିଣୀ ଦେବୀଙ୍କ ସ୍ମୃତିଚାରଣ ସହ ଆଶ୍ରମ ପରିସରରେ ଚାରାରୋପଣ କରାଯାଇଥିଲା। ଶୋଭନୀୟ ଆନ୍ଦୋଳନ ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। କଟକ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଡ.ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ଆଶ୍ରମର ଅଧ୍ୟକ୍ଷା ବିଦ୍ୟୁଲତା ଦେବୀ, ଗୁରୁମା ମନୋରମା ମିଶ୍ର, ଗୀତାଞ୍ଜଳି ସାହୁ ଓ ପ୍ରଭାତୀ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆଶ୍ରମର ଛାତ୍ରୀଛାତ୍ର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।


କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଉତ୍ସବରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

### ପଞ୍ଚାୟତର ଆର୍ଥିକ ସମ୍ବଳ ବୃଦ୍ଧି ନେଇ ତାଲିମ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୩।୮(କୈଳାସ ଚନ୍ଦ୍ର ପଟ୍ଟନାୟକ):

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଉପରେ ଏକ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ୭ଟି ପଞ୍ଚାୟତ ଅରଖକୁଦା, ଅଲଣ୍ଡା, ବଡଖାଡ଼, ବଡ଼ଅଁଳ, ବୁଦ୍ଧିବର, ବଜ୍ରକୋଟ, ବ୍ରହ୍ମପୁର ପାଇଁ ତାଲିମ ପ୍ରଦାନ କରାଯାଇଥିଲା।

# ଡେପୁଟି କଲେକ୍ଟରଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ,୩।୮(ଅଜିତ୍ ମହାନ୍ତି)

ଜିଲା ଜରୁରୀ ବିଭାଗର ଡେପୁଟି କଲେକ୍ଟର ଭାବେ ଅବସ୍ଥାପିତ ଥିବା ଜିତେନ୍ଦ୍ର କୁମାର ପାତ୍ରଙ୍କର ଆଠମଲ୍ଲିକ ଉପଜିଲାପାଳ ଭାବେ ବଦଳି ହୋଇଛି। ପାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପାତ୍ର ଜରୁରୀ ବିଭାଗ ସହ ଜିଲା ରେଡକ୍ରସର ସମ୍ପାଦକ ଭାବେ ଓ ଅନ୍ୟାନ୍ୟ ବିଭାଗରେ ମଧ୍ୟ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ଏହି ଉପଲକ୍ଷେ ସର୍କିଟ ହାଉସରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଡେପୁଟି କଲେକ୍ଟର ସୁମନ୍ତ କର, ଡେପୁଟି କଲେକ୍ଟର ପ୍ରଶାନ୍ତ ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପୁରୀ ତହସିଲଦାର କ୍ଷୀରୋଦ ବେହେରା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ଜରୁରୀ ବିଭାଗ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜରୁରୀ ବିଭାଗ ଡିପିଓ ସୁକାନ୍ତ ଦାଶ, ଡିସି ଜ୍ୟୋତିର୍ମୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଇନର୍‌ହୁଇଲ ଚେୟାରମ୍ୟାନଙ୍କ ପୁରୀ କ୍ଲବ ପରିଦର୍ଶନ

ପୁରୀ,୩।୮(ଅଜିତ୍ ମହାନ୍ତି)

ଇନ୍‌ରହୁଇଲ୍ ଜିଲା ୩୬୨୨ ଚେୟାରମ୍ୟାନ ରସିକା ବାହାଦୁର ପୁରୀସ୍ଥିତ ଇନ୍‌ରହୁଇଲ କ୍ଲବ୍ ପରିଦର୍ଶନ କରିଛନ୍ତି। ଚେୟାରମ୍ୟାନ ବାହାଦୁର ଇନ୍ଦ୍ରଦ୍ୟୁମ୍ନ ଆର୍ଦଶ ବିଦ୍ୟାନିକେତନର ହାପିସ୍କୁଲ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଇନ୍‌ରହୁଇଲର ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକମାନେ ଚେୟାରମ୍ୟାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଇନ୍‌ରହୁଇଲ୍ କ୍ଲବ୍ ଦ୍ୱାରା କରାଯାଇଥିବା ହାତଧୁଆ କୁଣ୍ଡ, ପିଲାଙ୍କ ପଢିବା ପାଇଁ ଚେୟାର ଟେବୁଲ, ଲାଇବ୍ରେରୀ, ସେଲ୍‌ଫି ସ୍ଥାନ, ପିଲାଙ୍କ ଖେଳିବା ଖସଡା ଆଦିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରେ ଚେୟାରମ୍ୟାନ ବାହାଦୁର ହଲିଡେ ରିସର୍ଟଠାରେ କ୍ଲବର ପରିଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଇନ୍‌ରହୁଇଲ ଜିଲା ଇ.ଏସ୍.ଓ ମଧୁସ୍ମିତା ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍ ସଭାପତି ନିରୁପମା ଷଡ଼ଙ୍ଗୀ ପରିଚାଳନା କରିଥିଲେ। ସମ୍ପାଦିକା ଜ୍ୟୋତିର୍ମୟୀ ମହାନ୍ତି, ବନ୍ଦିତା ସାହୁ, ଏଡିଟର ମୁନ୍‌ମୁନ୍ ଦାସଗୁପ୍ତା, ଦୀପ୍ତିମୟୀ ଦାସ, ଝରଣା ନାୟକ, ଭାଗ୍ୟଲକ୍ଷ୍ମୀ ସୁବୁଦ୍ଧି ଏବଂ ସମସ୍ତ ସଭ୍ୟା ସଭ୍ୟମାନେ ଉପସ୍ଥିତ ଥିଲେ।

# ସମାଜରୁ କୁସଂସ୍କାର ଦୂରେଇବାରେ ପ୍ରଫୁଲ୍ଲଙ୍କ ଅବଦାନ ଅନନ୍ୟ

ପୁରୀ,୩।୮(ଅଜିତ ମହାନ୍ତି)

### କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇସେନ୍ସର ପ୍ରତିଷ୍ଠା ଦିବସ

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇସେନ୍‌ସ, ପୁରୀ ମହାବିଦ୍ୟାଳୟରେ କଲେଜର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ୭୨ତମ ଜନ୍ମବାର୍ଷିକୀ ଓ କଲେଜର ୩୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ପୁରୀ ସହଯୋଗିତାରେ ଅଧ୍ୟକ୍ଷ ଡ.ଅମିୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ୬୬ଜଣ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ପରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବଙ୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସୂରଜମଲ ସାହା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱଗତ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ଗୁଣଗାନ କରିଥିଲେ। ପ୍ରଫୁଲ୍ଲଚନ୍ଦ୍ର ମିଶ୍ର ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଭଳି ଚିନ୍ତାଧାରାକୁ ଦୂର କରିବାକୁ ଚେଷ୍ଟା କରିଥିଲେ ବୋଲି କଲେଜର ଅଧ୍ୟକ୍ଷ ମିଶ୍ର କହିଥିଲେ। କଲେଜର ଚେୟାରପର୍ସନ୍ ଅନିମା ଦାସ, ସନ୍ତୋଷ ମହାପାତ୍ର, ସଞ୍ଜୟ ନାୟକ, ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ଅସିତ୍ ଷଡଙ୍ଗୀ, ଅନୁ ପାତ୍ର, ତୃପ୍ତିରଞ୍ଜନ ପାଢ଼ୀ, ଅଧ୍ୟାପକ ସିଦ୍ଧେଶ୍ୱର ପାଇଯୋଶୀ ପ୍ରମୁଖ ସାମିଲ ଥିଲେ। ପ୍ରାଧ୍ୟାପକ ନିକୁଞ୍ଜ କିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ।



ଶିବିରରେ ଲୋକମାନେ ରକ୍ତ ଦେଉଛନ୍ତି ।

# ନଦୀବନ୍ଧ ସ୍ଥିତି ପରଖିଲେ ବିଧାୟକ

ଗୋପ,୩।୮(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଗୁରୁବାର ଗୋପ ଜଳସମ୍ପଦ ବିଭାଗ ଅଧୀନ ଶୋଳପୁର-ମଦରଙ୍ଗ କୁଶଭଦ୍ରା ନଦୀବନ୍ଧ ବୁଲିବା ସହ ତିନିମୁହାଣି ନିକଟରେ ଦବିଯାଉଥିବା ନଦୀବନ୍ଧର ସ୍ଥିତି ପରଖିଥିଲେ। ଏଥିସହ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, କୁଶଭଦ୍ରା ନଦୀରେ ବନ୍ୟାଜଳ ଆସିବା ଓ ମଧ୍ୟମ ଧରଣର ବନ୍ୟା ଆଶଙ୍କା ସୃଷ୍ଟି ହେବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଆସିବା ପରେ ଗୋପ ଜଳସମ୍ପଦ ବିଭାଗ ପ୍ରସ୍ତୁତି ଆରମ୍ଭ ହୋଇଛି। କିନ୍ତୁ କୁଶଭଦ୍ରା ନଦୀବନ୍ଧର ଶୋଳପୁର-ମଦରଙ୍ଗ ନଦୀ ବନ୍ଧର ତିନିମୁହାଣି ନିକଟରେ କାର୍ଯ୍ୟ କରାଯାଇଥିବା ନଦୀବନ୍ଧ ବାରମ୍ବାର ଦବିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ବିଧାୟକ ଦାଶ ଏହି ନଦୀବନ୍ଧ କାର୍ଯ୍ୟ ଦେଖିବା ସହିତ ତିନିମୁହାଣିରେ ଥିବା ସ୍ଲୁଇଟ ଗେଟ ଦେଖିଥିଲେ। ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ବନ୍ୟାଜଳ ଆସିବା ସମୟରେ ନଦୀବନ୍ଧ ଦବିବା ଖବରପାଇ ବିଧାୟକ ଦାଶ ତିନିମୁହାଣି ନିକଟରେ

### ତିନି ମୁହାଣି ନିକଟ ନଦୀବନ୍ଧ ଦବିଥିବା ଅଭିଯୋଗ

ପହଞ୍ଚି ନଦୀବନ୍ଧ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ କାର୍ଯ୍ୟ ଶେଷ କରିବାକୁ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜିବ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଧାୟକ ଦାଶ ଗୋପ ଜଳସମ୍ପଦ ଡାକ ବଙ୍ଗଳାରେ ପହଞ୍ଚି ବନ୍ୟା ନିୟନ୍ତ୍ରଣ ଲାଗି ବିଭାଗ ପକ୍ଷରୁ କିପରି ବ୍ୟବସ୍ଥା କରାଯାଇଛି, ତାହା ଉପରେ ମଧ୍ୟ ପଚାରି ବୁଝିଥିଲେ। ବିଶେଷ କରି କୁଶଭଦ୍ରା ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଧନୁଆ ନଦୀ ବନ୍ୟା ଜଳରେ ଗୋପ ବ୍ଲକ ୭ଟି ପଞ୍ଚାୟତର ଲୋକ କ୍ଷତିଗ୍ରସ୍ତ ହେବାକୁ ନେଇ ମଧ୍ୟ ଆଲୋଚନା ହେବା ସହ ଏହାର ସୁପରିଚାଳନା କିପରି କରାଯିବ ଓ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ନେତା ମନଦିପ ପାଇକରାୟ, ଦେବାଶିଷ ସାହୁ, କରୁଣାକର ସାହୁ, ପ୍ରହଲ୍ଲାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ସମୀର ରଞ୍ଜନ ଦାଶ ନଦୀ ବନ୍ଧ ପରିଦର୍ଶନ କରୁଛନ୍ତି ।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ପ୍ରଶାସନ ସଜାଗ



ଜରୁରୀ ବୈଠକରେ ବିଡିଓ ବସନ୍ତ କୁମାର ମଲ୍ଲିକ ସୂଚନା ଦେଉଛନ୍ତି ।

ନିମାପଡ଼ା,୩।୮(ବିଚିତ୍ରାନନ୍ଦ ସାହୁ)

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଜରୁରୀ ବୈଠକ ବିଡିଓଙ୍କ କାର୍ଯ୍ୟାଳୟରେ ଗୁରୁବାର ହୋଇଥିଲା। ବୈଠକରେ ବିଡିଓ ବସନ୍ତ କୁମାର ମଲ୍ଲିକ ଅଧ୍ୟକ୍ଷତା କରି ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ରହିଥିବା କହିଥିଲେ। ଏଥିସହ ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀଙ୍କର ଛୁଟି ବାତିଲ ହୋଇଥିବାବେଳେ ସମସ୍ତେ ହେଡ୍ କ୍ୱାର୍ଟରରେ ଉପସ୍ଥିତ ରହିବାକୁ ପରାମର୍ଶ ଦେଇଥିଲେ। ବନ୍ୟା ପରିପ୍ରେକ୍ଷୀରେ ଆବଶ୍ୟକ ଡଙ୍ଗା, ବୋଟ, ଖାଦ୍ୟ, ପାନୀୟ ଜଳ, ସାପ କାମୁଡ଼ା ଇଞ୍ଜେକ୍ସନ, ଏନ୍‌ଆରଏସ୍‌ଏଲ ଇଞ୍ଜେକ୍ସନ, ହାଲୋଜିନ ବଟିକା ଆଦି ପର୍ଯ୍ୟାପ୍ତ ପରିମାଣର ମହଜୁଦ ରଖିବାକୁ ବିଡିଓ ସମସ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲିବସ୍ତା, ବଲ୍ଲୀ ମହଜୁଦ ରଖିବା ସହ ନଦୀବନ୍ଧ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜଳସେଚନ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶ, ସହକାରୀ ଯନ୍ତ୍ରୀ ଲମ୍ବୋଦର ପାଢ଼ୀ, ଫାୟାର ଅଫିସର ବ୍ରହ୍ମାନନ୍ଦ ମଲ୍ଲିକ, ଚାରିଛକ ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ.ପି.କେ. ସାମନ୍ତରାୟ, ପାନୀୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପିଙ୍କି ମହାନ୍ତି, ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନ୍‌ଗୋ ପ୍ରମୁଖ ସାମିଲ ଥିଲେ।

# ବନ୍ୟାଜଳ ସ୍ଥିତି ଅନୁଧ୍ୟାନ କଲେ ଅଧୀକ୍ଷଣ ଯନ୍ତ୍ରୀ

ପିପିଲି,(ଦୁର୍ଗାମାଧବ ମିଶ୍ର):

ଗତ କିଛିଦିନ ହେବ ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଛି। ଏଥିସହ ଉପରମୁଣ୍ଡ ଜଳ ଛଡ଼ାଯାଇଥିବାରୁ ଜିଲାର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ଉପଜିଛି। ତେଣୁ ପୁରୀ ଜିଲା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ ଗୁରୁବାର ଜିଲାରେ ବନ୍ୟାଜଳ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ସେ ପିପିଲି ଅଞ୍ଚଳରେ ପହଞ୍ଚି ଜଳସେଚନ ବିଭାଗ ଅଧୀନରେ ଥିବା ଦୟା ନଦୀର ବାମପାର୍ଶ୍ୱ ନଦୀବନ୍ଧ ବୁଲି ଦେଖିବା ସହିତ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶେଷ କରି ଧଉଳି, ଭାରତୀ ପୁର ଓ କଣ୍ଟିର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ବନ୍ୟା ନିୟନ୍ତ୍ରଣ ପାଇଁ ବିଭାଗ ସଜାଗ ରହିଥିବା ବେଳେ ବାଲି ବସ୍ତା ଓ ବଲ୍ଲୀ ବିଭିନ୍ନ ସବଡିଭିଜନରେ ମହଜୁଦ ରହିଥିବା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀକହିଛନ୍ତି। ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସଦାନନ୍ଦ ପ୍ରଧାନ ଓ ଯନ୍ତ୍ରୀ ହିମାଂଶୁ ଶେଖର ମାନ୍ଦାଦା ଏହି ଗସ୍ତରେ ନିଜକୁ ସାମିଲ କରିଥିଲେ।



# ବିପଦ ସଂକେତ ଉପରେ ଭାର୍ଗବୀ ନଦୀ ଜଳ

ବଳଙ୍ଗା,୩।୮(କେଦାରେଶ୍ୱର ନନ୍ଦ)

ରାଜ୍ୟରେ ଗତ ୩ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଅନେକ ନଦୀ ଫୁଲିବାରେ ଲାଗିଛି। ଲଗାତର ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଉଛି। ଭାର୍ଗବୀ ନଦୀର ଜଳସ୍ତର ବଳଙ୍ଗାଠାରେ ବିପଦ ସଂକେତ ୧୦.୪୨ ଥିବାବେଳେ ବୁଧବାର ରାତି ୭ଟା ସୁଦ୍ଧା ୧୦.୫୪ ମିଟରରେ ପ୍ରବାହିତ ହେଉଛି। ନଦୀରେ ବନ୍ୟାଜଳ ସ୍ତର ସର୍ବାଧିକ ୧୧ ମିଟର ଛୁଇଁପାରେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ଅତିରିକ୍ତ ଦାୟିତ୍ୱରେ ଥିବା ହିମାଂଶୁ ଜେନା, ସହକାରୀ ଯନ୍ତ୍ରୀ ଅଜୟ ପ୍ରଧାନ, ପ୍ରଶାନ୍ତ ମହାନ୍ତି ବନ୍ୟା ପରିସ୍ଥିତି ଉପରେ ନଜର ରଖି ନଦୀବନ୍ଧ ବୁଲି ସ୍ଥିତି ପରଖିବା ସହ କଡ଼ା ନଜର ରଖିଛନ୍ତି। ଅଞ୍ଚଳବାସୀଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ପିଢୁକୁଳି ମଣ୍ଡଳ ସଭାନେତ୍ରୀ ହେଲେ ପ୍ରତିମାରାଣୀ

ବୋଲଗଡ଼,୩।୮ (ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅନୁମୋଦନ କ୍ରମେ ବୋଲଗଡ ବ୍ଲକ ଅନ୍ତର୍ଗତ ପିଢୁକୁଳି ମଣ୍ଡଳ ଭାଜପା ସଭାନେତ୍ରୀ ଭାବେ ଖୋର୍ଦ୍ଧା ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଥିବା ପ୍ରତିମାରାଣୀ ସାହୁଙ୍କ ନାମ ଘୋଷଣା କରାଯାଇଛି। ଗତ ପଞ୍ଚାୟତ ନିର୍ବାଚନରେ ପ୍ରତିମାରାଣୀ ୨୭ ନମ୍ବର ଜୋନ ଜିଲା ପରିଷଦ ପାର୍ଥିନୀ ଭାବେ ନିର୍ବାଚନ ଲଢ଼ି ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟପାଇ ନିଜର ଦୃଢ଼ ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଥିଲେ। ଅନୁରୂପଭାବେ ୨୦୦୭ ମସିହାରେ ମଧ୍ୟ ଏହି ଜୋନରୁ ଜିଲା ପରିଷଦ ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢ଼ିଥିଲେ। ମଣ୍ଡଳ ସଭାନେତ୍ରୀଭାବେ ଚୟନ କରିଥିବାରୁ ପ୍ରତିମାରାଣୀ ସାହୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲା ପ୍ରଭାରୀ ଭୃଗୁ ବକ୍ସିପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ଦଳ ଯାହାକୁ ଟିକେଟ ଦେବ ନିଃସ୍ୱାର୍ଥପର ଭାବେ ତାଙ୍କ ପାଇଁ କାମ କରିବା ସହିତ ଦଳକୁ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିମାରାଣୀ କହିଛନ୍ତି।

# ଶ୍ମଶାନ ଜମି ଅଧିଗ୍ରହଣ ବେଳେ ଉତ୍ତେଜନା

ଯାଁଳା,୩।୮ (ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ମୌଜାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଇଡ୍‌କୋ ପକ୍ଷରୁ ଶ୍ମଶାନ ଜମି ଅଧିଗ୍ରହଣ ବେଳେ ଗୁରୁବାର ଉତ୍ତେଜନା ଦେଖାଦେଇଥିଲା। ଶ୍ମଶାନ ପାଇଁ ଜମି ଛାଡିବାକୁ ଦାବି କରି ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପରେ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ହୋଇଥିଲା। ଶେଷରେ ଇଡ୍‌କୋ ଶ୍ମଶାନ ପାଇଁ ଜମି ଛାଡିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ମୁତାବକ, ଛତାବର ମୌଜାରେ ଶିଳ୍ପାଞ୍ଚଳ ପାଇଁ ଇଡ୍‌କୋ ୨୮ ଏକର ଜମି ଚିହ୍ନଟ କରିଥିଲା। ଉକ୍ତ ସ୍ଥାନରେ ଛତାବର ଗ୍ରାମବାସୀଙ୍କ ଶ୍ମଶାନ ଥିବାରୁ ଏହି ଜମିକୁ କୌଣସି ପରିସ୍ଥିତିରେ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ପ୍ରତିବାଦ କରିଆସୁଥିଲେ। ଏନେଇ ଖୋର୍ଦ୍ଧା ଜିଲାପାଳ, ରାଜସ୍ୱ ସଚିବ ଓ ଜଟଣୀ ତହସିଲଦାରଙ୍କୁ ଲିଖିତ ଭାବେ ଗ୍ରାମବାସୀ ଜଣାଇଥିଲେ। ଜିଲା ପ୍ରଶାସନ ଅଭିଯୋଗ ଗ୍ରହଣ କରିବା ସହ ଶ୍ମଶାନ ପାଇଁ ୪ ଏକର ଜମି ଛାଡିବାକୁ ଗ୍ରାମବାସୀଙ୍କ ଉପସ୍ଥିତିରେ କଥା ହୋଇଥିଲା। ତେବେ ଗୁରୁବାର ଜଟଣୀ ତହସିଲଦାର ଓ ପୋଲିସ ଟିମ୍ ସହ ଉକ୍ତ ଜମିକୁ ଅଧିଗ୍ରହଣ କରିବାକୁ ଆସିଥିଲେ। ଜେସିବି ଲଗାଇ ଜମିରେ ତାର ବାଡ଼ କଲାବେଳେ ଶତାଧିକ ଗ୍ରାମବାସୀ ଏକାଠି ହୋଇଥିଲେ। ଏନେଇ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ଜଣାଇଥିଲେ। ଖବରପାଇ ବିଧାୟକ ରାଉତରାୟ ପହଞ୍ଚିବା ସହିତ ଶତାଧିକ ଗ୍ରାମବାସୀ ଏକାଠି ହୋଇ ଇଡ୍‌କୋର ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ। ଫଳରେ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ରହିଥିଲା। ବିଧାୟକ ରାଉତରାୟଙ୍କ ନେତୃତ୍ୱରେ ଗ୍ରାମବାସୀ ଜଟଣୀ ତହସିଲଦାର, ଅତିରିକ୍ତ ତହସିଲଦାର, ଇଡ୍‌କୋର ବରିଷ୍ଠ ଅଧିକାରୀମାନେ ଜମି ଛାଡିବା ପାଇଁ ଆଲୋଚନା କରାଯାଇଥିଲା। ଶ୍ମଶାନ ସହ ସମାଧି ସ୍ଥଳ ପର୍ଯ୍ୟନ୍ତ ଜମି ଛାଡିବାକୁ ନିଷ୍ପତ୍ତି ହେବା ପରେ ଉତ୍ତେଜନା ହଟିଥିଲା ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି।



ବିଧାୟକ ସୁରେଶ କୁମାର ରାଉତରାୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ସାନପଦର ପିଏଚ୍ ନିର୍ମାଣକୁ ରେଲୱେ ବୋର୍ଡର ମଞ୍ଜୁରୀ

ବୋଲଗଡ଼,୩।୮ (ଦେବବ୍ରତ ହୋତା)

ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବୋଲଗଡ ବ୍ଲକ ସାନପଦର ଗ୍ରାମଠାରେ ଏକ ପାସେଞ୍ଜର୍ ହଲ୍ଟ(ପିଏଚ୍) ନିର୍ମାଣ ପାଇଁ ଗୁରୁବାର ସଫଳ ହୋଇଛି। ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ(ରେଲୱେ ବୋର୍ଡ) ପକ୍ଷରୁ ଏହି ପିଏଚ ନିର୍ମାଣ ମଞ୍ଜୁର ହୋଇଥିବା ନେଇ ପୂର୍ବତଟ ରେଳପଥ, ଭୁବନେଶ୍ୱରର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କୁ ଚିଠି କରାଯାଇଛି। ଚିଠିରେ ଖୋର୍ଦ୍ଧାରୋଡ ଷ୍ଟେଶନ ଠାରୁ ୩୭ କିମି ୧୪୨ମିଟର ଦୂରତାରେ ତଥା ବେଗୁନିଆ ଏବଂ ରାଜସୁନାଖଳା ଷ୍ଟେଶନ ମଧ୍ୟରେ ଥିବା ସାନପାଦର ଠାରେ ପିଏଚ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ରେଲୱେ ବୋର୍ଡର ଟ୍ରାଫିକ କମର୍ସିଆଲ ନିର୍ଦ୍ଦେଶକ ସୁମିତ ସିଂ ଜଣାଇଛନ୍ତି। ଯାତ୍ରୀମାନଙ୍କ ରେଳଯାତ୍ରା ସୁବିଧା ପାଇଁ ଏହି ପିଏଚ ନିର୍ମାଣ ଦାବି ନେଇ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଭେଟି ଦାବି ଜଣାଇଥିଲେ। ଗତ ବର୍ଷ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ସାନପଦର ଠାରେ ରାଜ୍ୟ ଭାଜପା ମୁଖପାତ୍ର ଡ. ଯତିନ ମହାନ୍ତିଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ଜୁଲାଇରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଧ୍ୟ ସୁପାରିସପତ୍ର ଲେଖିବା ସହ ସଂସଦ ଅଧିବେଶନ ମଧ୍ୟରେ ରେଳମନ୍ତ୍ରୀ ଓ ରେଳବିଭାଗ ଅଧିକାରୀଙ୍କୁ ଭେଟି ଦାବି ଉପସ୍ଥାପନା କରିଥିଲେ। ତେବେ ଗୁରୁବାର ଏହି ଖବର ପ୍ରଚାରିତ ହେବାପରେ ସାନପଦର ତଥା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜିଲା ଭାଜପା ସାଧରଣ ସମ୍ପାଦକ ପ୍ରକାଶ ବିଜୁଳି, ବଟକୃଷ୍ଣ ସାହୁ, ଶିବୁ ଦାସ, ଅଜୟ ମଙ୍ଗରାଜ, ପପୁ ମହାନ୍ତି, ଅର୍ଜୁନ ପଟ୍ଟନାୟକ, ସୁରେଶ ମହାପାତ୍ର, ମଧୁ ସାମନ୍ତରାୟ, ଭାଗୀରଥି ପରମାଣିକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଅପରାହ୍ନରେ ପିଏଚ ନିର୍ମାଣ ପାଇଁ ଉଦ୍ଦିଷ୍ଟ ସ୍ଥାନ ପରିଦର୍ଶନ କରିବା ସହ ଏକ ବୈଠକ କରି ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଅଙ୍ଗଦାନ ଦିବସରେ ଶପଥ ନେଲେ ଏମ୍‌ସ ଡାକ୍ତର, ଛାତ୍ରୀଛାତ୍ର

ଭୁବନେଶ୍ୱର,୩।୮ (ଅଭିଜିତ ଦାସ)

ଏମ୍‌ସ ଭୁବନେଶ୍ୱରରେ ଗୁରୁବାର ୧୩ତମ ଭାରତୀୟ ଅଙ୍ଗଦାନ ଦିବସ (ଆଇଓଡିଡି) ପାଳନ କରାଯାଇଥିଲା। ଏଥିରେ ଯୋଗଦେଇ ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ଅଙ୍ଗଦାନ ଓ ଅଙ୍ଗପ୍ରତିରୋପଣ ବିଷୟରେ ଆଲୋକପାତ କରିବା ସହ ସମସ୍ତ ଡାକ୍ତର, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଅଙ୍ଗଦାନ ନିମନ୍ତ ଶପଥ କରାଇଥିଲେ। ଏହି ଅବସରରେ କିଡ୍‌ନୀ ଓ ବୃକକ୍ ପ୍ରତିରୋପଣରେ ଏମ୍‌ସ ଭୁବନେଶ୍ୱରର ସଫଳତା ଉପରେ ଆଲୋଚନା କରିଥିଲେ। ସେହିପରି ଏଠାରେ ଖୁବ୍‌ଶୀଘ୍ର କ୍ୟାଡାଭରିକ୍ ଅଙ୍ଗଦାନ କାର୍ଯ୍ୟକ୍ରମ ଓ ଯକୃତ ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡାକ୍ତର ଡି.କେ.ପରି, ନ୍ୟୁରୋଲୋଜି ବିଭାଗର ଡାକ୍ତର ସଞ୍ଜୀବ ଭୋଇ, ନ୍ୟୁରୋ ସର୍ଜରୀ ବିଭାଗର ଡାକ୍ତର ଆଶିଷ ପଟ୍ଟନାୟକ, ଟ୍ରମା ଓ ଜରୁରୀକାଳୀନ ବିଭାଗର ଡାକ୍ତର ସଙ୍ଗୀତା ସାହୁ, ଆନାଟୋମି ବିଭାଗ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭ରୁ କଳାବ୍ୟାଜ୍ ପରିଧାନ, ୧୮ରୁ ସମୂହ ଛୁଟି

**ପିଇଓ ସଂଘର ୫ ଦଫା ଦାବିପତ୍ର**

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ବ୍ଲକ ସଂଘ ପକ୍ଷରୁ ୫ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ କ୍ଷୀରାବ୍ଧିତନୟା ସାହୁଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ପଞ୍ଚାୟତ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ନିର୍ବାହୀ ଅଧିକାରୀ(ପିଇଓ)ମାନେ ସୂଚାରୁ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଦାବି ପୂରଣ ନ ହେଲେ ଆଗାମୀ ୧୮ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରାଯାଉ, ଓଆରଏସପି ନିୟମ ୨୧୭ ଅନୁଯାୟୀ ଲେବୁଲ-୯ ଦରମା ପ୍ରଦାନ ତଥା କ୍ୟାଡରଭୁକ୍ତ, ଅତିକମ୍‌ରେ ୧୦ବର୍ଷ ଧରି କାର୍ଯ୍ୟ କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଦୋନ୍ନତି ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଉ। ଉପରୋକ୍ତ ଦାବି ନେଇ ବିଭିନ୍ନ ଫୋରମ ମାଧ୍ୟମରେ ସରକାରଙ୍କୁ ଅବଗତ କରାଯାଇଛି। ଏହା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରାଯିବ, ୧୮ତାରିଖରୁ ସମୂହ ଛୁଟିରେ ଯିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ଲାଲ ବାହାଦୁର ରଞ୍ଜିତଙ୍କ ନେତୃତ୍ୱରେ ସମ୍ପାଦକ ମନୋରଞ୍ଜନ ଜେନା, ସରସ୍ୱତୀ ସେଠୀ, ବିଭୁ ପ୍ରସାଦ ସୁବୁଦ୍ଧି, ପ୍ରମୋଦ କୁମାର ନାୟକ, ଅନନ୍ୟା ପ୍ରିୟଦର୍ଶିନୀ ଛୋଟରାୟ, ଅଶୋକ ପାଟଶାଣୀ, ଗୋଲକ ବିହାରୀ ଶୁକ୍ଳା, ଧନଞ୍ଜୟ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଭାଲ୍ୟୁଏସନ ଅଧିକ ପାଇଁ ହୋଇପାରୁନି ଜମି ରେଜିଷ୍ଟ୍ରି

ବୋଲଗଡ଼,୩।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲର ଖଙ୍ଗୁରିଆ, ପଦ୍ମପୁର ଓ ମଣ୍ଡଳସିଂ ମୌଜା ଅନ୍ତର୍ଗତ ଜମିଗୁଡ଼ିକର ଭାଲ୍ୟୁଏସନ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲ କାର୍ଯ୍ୟ ପାଇଁ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ଫଳରେ ଜମି କିଣାବିକା କରିବାକୁ ଚାହୁଁଥିବା ଲୋକେ ଅଧିକ ରେଜିଷ୍ଟ୍ରି ଖର୍ଚ୍ଚରୁ ଏଥିରୁ ନିବୃତ୍ତ ରହୁଛନ୍ତି। ଖଙ୍ଗୁରିଆର ବେଞ୍ଚମାର୍କ ଭାଲ୍ୟୁଏସନ ଏକର ପିଛା ୧ ଲକ୍ଷ ୮୨ ହଜାର ଟଙ୍କା ହେବା ପରିବର୍ତ୍ତେ ୧୮ଲକ୍ଷ ୨୦ ହଜାର ଟଙ୍କା ହୋଇଛି। ସେହିପରି ବୋଲଗଡ଼ ପଞ୍ଚାୟତ ପଦ୍ମପୁରର ଏକର ପିଛା ୮ଲକ୍ଷ ୪୭ ହଜାର ଟଙ୍କା ବଦଳରେ ୮୪ ଲକ୍ଷ ୬୫ ହଜାର ଟଙ୍କା, ଫାସିଓଦା ପଞ୍ଚାୟତ ମଣ୍ଡଳସିଂ ମୌଜାରେ ୨ଲକ୍ଷ ୭୮ହଜାର ଟଙ୍କା ବଦଳରେ ୨୭ଲକ୍ଷ ୮୦ହଜାର ଟଙ୍କାକୁ ବୃଦ୍ଧି ପାଇଛି। ପ୍ରତି ୨ବର୍ଷ ଅନ୍ତରରେ ବେଞ୍ଚମାର୍କ ଭାଲ୍ୟୁଏସନ ରିଭିଜନ ହେବା ବେଳେ ଏଭଳି ଭୁଲ ହୋଇଥିବା କଟକ ସ୍ଥିତ ଇନ୍‌ସ୍ପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଫଳରେ ଜମି କିଣାବିକା ପାଇଁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପଞ୍ଜୀକରଣ ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧିପାଇଛି। ପ୍ରାୟ ଏକ ବର୍ଷ ହେବ ସମ୍ପୃକ୍ତ ୩ ମୌଜାର ଜମିବାଡି ବିକାକିଣା ବନ୍ଦ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସଂକ୍ରାନ୍ତରେ ତହସିଲଦାର ସନ୍ତୋଷିନୀ ଦାସ କହିଛନ୍ତି, ଏହି ମୌଜା ଅଧୀନ ଜମିଗୁଡ଼ିକର ମୂଲ୍ୟାଙ୍କନରେ ଟଙ୍କା ପରିମାଣର ସଂଖ୍ୟା ଭୁଲଭାବେ ଏଣ୍ଟ୍ରି ହୋଇଛି। ଫଳରେ ଏହା ଆଇଜିଆର କଟକ ପକ୍ଷରୁ ମଞ୍ଜୁର ହୋଇଯାଇଛି। ଏନେଇ ସମ୍ପୃକ୍ତ ବିଭାଗକୁ ୨୦୨୨ ଏପ୍ରିଲରୁ ଭୁଲ ସଂଶୋଧନ ପାଇଁ ଚିଠି କାରାଯାଇଛି। ଆସନ୍ତା କିଛିଦିନ ମଧ୍ୟରେ ଠିକ୍ ପରିମାଣ ଟଙ୍କାର ମୂଲ୍ୟାଙ୍କନ ହୋଇଯିବ ବୋଲି କଟକ ସ୍ଥିତ ରାଜ୍ୟ ବୋର୍ଡ ଅଫ ରେଭିନ୍ୟୁ କାର୍ଯ୍ୟାଳୟର ପଞ୍ଜୀକରଣ ବିଭାଗର ଅଣ୍ଡର ସେକ୍ରେଟାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

### ଫଳକ ଭଙ୍ଗା ଘଟଣାର ହେଲା ସମାଧାନ

ଜଟଣୀ,୩।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଏକ ଫଳକ ଲଗାଯାଇଥିଲା। ତେବେ ଫଳକରେ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନାମ ନ ଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଅସନ୍ତୁଷ୍ଟ ଗୋଷ୍ଠୀ ଫଳକରେ କଳା ବୋଳିବା ସହ ଭାଙ୍ଗି ଦେଇଥିଲେ। ତେବେ ଫଳକ ଭଙ୍ଗାକୁ ନେଇ ପଞ୍ଚାୟତର ସମିତି ସଭ୍ୟ ଥାନରେ ଲିଖିତ ଅଭିଯୋଗ କରିଥିଲେ। କେତେଜଣ କଂଗ୍ରେସ କର୍ମୀ ସମିତିସଭ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଗତ ୧ ତାରିଖରେ ଜଟଣୀ ଥାନା ପରିସରରେ ଥିବା ତ୍ରିନାଥ ଦେବଙ୍କ ମନ୍ଦିରରେ କେତେଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସମାଧାନ କରାଯାଇଛି। ଉଭୟ ଗୋଷ୍ଠୀ ଭବିଷ୍ୟତରେ କେହି କାହାରିକୁ ଆକ୍ଷେପ କରିବେ ନାହିଁ କିମ୍ବା ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବେ ନାହିଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

**ନିଖୋଜ ବାଳିକା ବିଷୟରେ**

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବଡୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।



ନାମ-ରାଧା ମଲ୍ଲିକ
ବୟସ-୨ ବର୍ଷ ୬ ମାସ
ଉଚ୍ଚତା-ତିନି ଫୁଟ
ରଙ୍ଗ- ଶ୍ୟାମଳ
ପୋଷାକ- ଗୋଲାପି ଶାର୍ଟ

କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324

# ରାସ୍ତାରେ ଗର୍ତ୍ତ, ଯାତାୟାତ ବାଧାପ୍ରାପ୍ତ

ବେଗୁନିଆ,୩।୮ (ହର ପ୍ରସନ୍ନ ପଣ୍ଡା)

ଲଘୁଚାପଜନିତ ବର୍ଷା ଯୋଗୁ ବେଗୁନିଆ ବ୍ଲକ ଅଞ୍ଚଳରେ ବିଭିନ୍ନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗ୍ରାମ୍ୟ ସଡ଼କ, ପ୍ରଧାନମନ୍ତ୍ରୀ ସଡ଼କ ଏବଂ ରାଜପଥ ଉପରେ ଛୋଟ ବଡ଼ ବହୁ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଗମନାଗମନରେ ଅସୁବିଧା ସୃଷ୍ଟି ହେଉଛି। ବାଘମାରି-କଣ୍ଟିଲୋ ସଡକ ପଥ, ସିମୋର-ବାଙ୍କୀ ରାସ୍ତା, ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ମରାମତି ଅଭାବରୁ ପିଚୁ ଉଠି ଯାଇ ରାସ୍ତା ଉପରେ ୪ରୁ ୫ଫୁଟ ଗୋଲେଇର ଖାଲଖମା ସୃଷ୍ଟି ହୋଇଛି। ସେହିପରି କୁଶପଲ୍ଲାରୁ ବଡ଼ବେରଣାକୁ ସଂଯୋଗ କରିଥିବା ପ୍ରଧାନମନ୍ତ୍ରୀ ସଡକ ରାସ୍ତାର ନୂଆସହି ନିକଟସ୍ଥ ରାସ୍ତା ମଝିରେ ଏକ ୫ ଫୁଟ ଓସାରିଆ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏକ ଘରୋଇ କମ୍ପାନୀ ଗ୍ୟାସ ପାଇପ ଲାଇନ ବିଛାଇ ଉକ୍ତ ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱକୁ ଭିତରେ ଡ୍ରିଲ ମେଶିନ ସାହାଯ୍ୟରେ ଖୋଳାଯାଇଥିଲା। ଏବେ ଲଘୁଚାପ ବର୍ଷା ଯୋଗୁ ଉକ୍ତ ସ୍ଥାନରେ ମାଟି ଦବି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



# ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

- ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଅତ୍ୟାଚାର ବଢୁଛି
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସହରାଞ୍ଚଳ ଓ ଖୋର୍ଦ୍ଧା ପୋଲିସ ଜିଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ପୀଡିତାଙ୍କୁ କ୍ଷତିପୂରଣ ମିଳିବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ଗୁରୁବାର ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ବହୁ ମାମଲାର ବିଚାର ଶେଷ ପରେ ମଧ୍ୟ ଦୀର୍ଘବର୍ଷ ଧରି କ୍ଷତିପୂରଣ ଅର୍ଥ ପୀଡିତାଙ୍କ ପରିବାର ପାଇବାରୁ ବଞ୍ଚିତ ହେଉଛନ୍ତି। କୌଣସି ଅନୁସୂଚିତ ଜାତି ମାମଲାର ଅଭିଯୋଗ ପରେ ମାମଲା ରୁଜୁ ସମୟରେ ୨୫ ପ୍ରତିଶତ ଏବଂ ଅଭିଯୋଗପତ୍ର କୋର୍ଟରେ ଦାଖଲ ହେଲେ ୫୦ପ୍ରତିଶତ କ୍ଷତିପୂରଣ ରାଶି ପ୍ରଦାନ ନିୟମ ରହିଛି। ଏ ଦିଗରେ ଜିଲାପାଳଙ୍କ ହସ୍ତକ୍ଷେପ ନ ରହିବାରୁ ବର୍ଷ ବର୍ଷ ଧରି ଜାତି ପ୍ରମାଣପତ୍ର ତଦନ୍ତ ରିପୋର୍ଟ ଆସିବାରେ ବିଳମ୍ବରୁ ଶତାଧିକ ମାମଲାରେ ଚାର୍ଜସିଟ ହୋଇପାରୁନାହିଁ। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଅନୁସୂଚିତ ଜାତ ଓ ଜନଜାତି ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପରୋକ୍ତ ଦାବି ପ୍ରତି ଜିଲାପାଳ ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି। ଉଭୟ ପୋଲିସ ଅଞ୍ଚଳରେ ଘଟିଥିବା ୫୦ ଅନୁସୂଚିତ ଜାତି ଅତ୍ୟାଚାର ମାମଲାରେ ପୀଡିତାଙ୍କୁ କ୍ଷତିପୂରଣ ରାଶି ୧୫ଦିନ ମଧ୍ୟରେ ପ୍ରଦାନ କରାଯାଉ। ମାମଲା ପରିଚାଳନାରେ ଜାଣିଶୁଣି ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଅନୁସୂଚିତ ଜାତି ଅତ୍ୟାଚାର ଆଇନର ଧାରା ୪ ଅନୁଯାୟୀ ମାମଲା ରୁଜୁ ସହିତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜିଲା ସ୍ତରୀୟ ପର୍ଯ୍ୟବେକ୍ଷଣ ବୈଠକ ଠିକ୍ ସମୟରେ କରାଯିବ ସହ ନ୍ୟାୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି। ମହାସଂଘର ରାଜ୍ୟ ସଂଯୋଜକ ଦିବାକର ଭୋଇଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲା ସଭାପତି ଅଶୋକ ଭୋଇ, ମହାସଂଘ ଯୁବଛାତ୍ର ସଙ୍ଗଠନ ଆବାହକ ଅନିଲ ମଲ୍ଲିକ, ଆମ୍ବେଦକର ସମାଜସେବୀ ମହାସଂଘ ସମ୍ପାଦକ ବୀରେନ୍ଦ୍ର ନାୟକ, ଜାତୀୟ ଦଳିତ ଆଦିବାସୀ ମହାସଂଘ ସମ୍ପାଦିକା ଟିଙ୍କିନା ପରିଡା, ମହିଳା ସଭାପତି କବିତା ଭୋଇ, ରାଜ୍ୟ ସମ୍ପାଦକ ଜଗନ୍ନାଥ ଭୋଇ, ରାଜ୍ୟ ସଭାପତି ଲିଟୁ ଦାସ, କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ୍ ସେଠୀଙ୍କ ଅନ୍ୟମାନେ ସାମିଲ ହୋଇଥିଲେ।




ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଗଣଧାରଣା ଦିଆଯାଇଛି।

### ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ

ଗମ୍ଭାରୀମୁଣ୍ଡା,୩।୮ (ଦିଲ୍ଲୀପ ସ୍ୱାଇଁ)

ବାଣପୁର ବ୍ଲକ ଅନ୍ତରକିଆରୀସ୍ଥିତ ମାନସିଂହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶାଳିଆ ସଭା କକ୍ଷରେ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ସିଆର୍‌ସିସିଙ୍କୁ ନେଇ ଭିନ୍ନକ୍ଷମଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ସୁବିଧା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭିନ୍ନକ୍ଷମମାନଙ୍କୁ ସରକାର ଦେଉଥିବା ସମସ୍ତ ସୁବିଧା ସୁଯୋଗ କିପରି ସେମାନେ ପାଇପାରିବେ ସେଥିପ୍ରତି ସମସ୍ତ ଶିକ୍ଷକ ଏବଂ ସିଆର୍‌ସିସିମାନେ ସରକାରୀ ସ୍ତରୀୟ କାର୍ଯ୍ୟ ସେମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏବିଇଓ ସନ୍ଧ୍ୟାରାଣୀ ହରିଚନ୍ଦନ, ଲକ୍ଷ୍ମୀ ନାରାୟଣ ପ୍ରସାଦ, ସନ୍ଧ୍ୟାବତୀ ଲେଙ୍କା, ଦାଶରଥି ମହାସୁଆର, ପ୍ରଦୀପ କୁମାର ଦାଶ, ପବିତ୍ର କୁମାର ସେଣ, କ୍ଷୀରୋଦ ପ୍ରସାଦ ସାମନ୍ତରାୟଙ୍କ ସମେତ ୫୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତା ଜେନା ଓ ଦାଶରଥି ମହାସୁଆର ପରିଚାଳନା କରିଥିଲେ। ସିଆର୍‌ସିସି ତାପସ ମହାରଣା ଧନ୍ୟବାଦ ଦେଇଥିଲେ।

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation

OIPR-13131/11/0034/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh"**. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)

OIPR-14073/11/0045/2324

## ସଂକ୍ଷେପରେ

### ବିଷ ପିଇ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା) : ବିଷ ପିଇ ଜଣେ ଯୁକ୍ତ ଦୁଇର ଦ୍ୱିତୀୟ ବର୍ଷର ଛାତ୍ର ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅଞ୍ଚଳର ବେଦ ପ୍ରକାଶ (୧୯) । ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନଥିବା ବେଳେ ପାଠ ପଢା ଚାପରେ ଏଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି । ଏନେଇ ନୟାପଲ୍ଲୀ ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ଖୋଲତାଡ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି ।

### ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ଜିଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଛି। ପୀଡିତାଙ୍କୁ କ୍ଷତିପୂରଣ ମିଳିବାରେ ବିଳମ୍ବ ହେଉଛି। ଏହାର ପ୍ରତିବାଦରେ ଗୁରୁବାର ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ମହାସଂଘର ରାଜ୍ୟ ସଂଯୋଜକ ଦିବାକର ଭୋଇଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲା ସଭାପତି ଅଶୋକ ଭୋଇ, ଅନିଲ ମଲ୍ଲିକ, ବୀରେନ୍ଦ୍ର ନାୟକ, ଟିଙ୍କିନା ପରିଡା, କବିତା ଭୋଇ, ଜଗନ୍ନାଥ ଭୋଇ, ଲିଟୁ ଦାସ, ବିଶ୍ୱଜିତ୍ ସେଠୀ ସାମିଲ ହୋଇଥିଲେ।

# ୧୮ଦିନ ପରେ ଖୋଲିଲା ମାର୍କେଟ ବିଲ୍ଡିଂ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)



- ୫ବର୍ଷ ବଢ଼ିଲା ବିଏମ୍‌ସି ଓ ଆସୋସିଏଶନ୍ ମଧ୍ୟରେ ଥିବା ରାଜିନାମା
- ମାର୍କେଟ ଖୋଲିଲେ ଉଠାଦୋକାନୀ ବ୍ୟବସାୟ କରିବେ

ବହୁ ବାଦବିବାଦ, ଧାରଣା ଏବଂ ଆଲୋଚନା ପରେ ଶେଷରେ ଗୁରୁବାର ୟୁନିଟ-୨ସ୍ଥିତ ମାର୍କେଟ ବିଲ୍ଡିଂ ସର୍ବସାଧାରଣଙ୍କ ପାଇଁ ଖୋଲିଛି। ୧୮ଦିନ ପରେ ବିଧିବଦ୍ଧ ଭାବେ ମାର୍କେଟ ବିଲ୍ଡିଂ ଖୋଲିବା ନେଇ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍ ସଭାପତି ପ୍ରଦ୍ୟୁମ୍ନ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଏମ୍‌ସି ଓ ଆସୋସିଏଶନ୍ ମଧ୍ୟରେ ପୂର୍ବରୁ ହୋଇଥିବା ରାଜିନାମାକୁ ଆଉ ୫ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହ ଉଠାଦୋକାନୀମାନେ ସେଠାରେ ବସି ପାରିବେ ନାହିଁ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେବା ପରେ ଏବେ ମାର୍କେଟ ଖୋଲାଯାଇଛି। ରାଜିନାମା ଅନୁଯାୟୀ, ଏଣିକି ମାର୍କେଟ ବିଲ୍ଡିଂ ଉଠାଦୋକାନୀଙ୍କ କବଳରୁ ଜବରଦଖଲମୁକ୍ତ ରହିବ। ମାର୍କେଟ ଗେଟ୍ ସମ୍ମୁଖରେ ମଧ୍ୟ କୌଣସି ଉଠାଦୋକାନୀ ବସି ପାରିବେ ନାହିଁ। ଏହାର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ଆସୋସିଏଶନ୍ ନେଇଥିବାବେଳେ ପରିମଳ ବ୍ୟବସ୍ଥା ଦୁଇପକ୍ଷଙ୍କ ଦାୟିତ୍ୱ ରହିବ। ଏଥିସହ ମାର୍କେଟ ପୂର୍ବ ଏବଂ ପଶ୍ଚିମ ଗେଟ୍‌ରେ ପର୍ଯ୍ୟାପ୍ତ ସିକ୍ୟୁରିଟି ରହିବେ। ଯଦି କେହି ଜବରଦଖଲ କରିବାକୁ ଚେଷ୍ଟା କରିବେ ତେବେ ସ୍ଥାନୀୟ ପୋଲିସ ସହାୟତାରେ ସଙ୍ଗେସଙ୍ଗେ ସେମାନଙ୍କୁ ଉଠାଯିବ ଏବଂ ସେମାନଙ୍କ ନାମରେ ଏତଲା ଦିଆଯିବ। ସେହିପରି ମାର୍କେଟ ମଧ୍ୟକୁ ଯେଉଁଭଳି ଦମକଳ ଗାଡ଼ି ସହଜରେ ଯାଇ ପାରିବ ସେ ନେଇ ଖୋଲା ସ୍ଥାନ ରଖାଯିବ। ବିଏମ୍‌ସିର ଅନୁମତି ନ ନେଇ ଆସୋସିଏଶନ୍ ମାର୍କେଟ ମଧ୍ୟରେ କୌଣସି ବିଜ୍ଞାପନ ବୋର୍ଡ ଲଗାଇ ପାରିବ ନାହିଁ ବୋଲି ରାଜିନାମାରେ ଉଲ୍ଲେଖ ରହିଛି। ଏହାବାଦ୍ ଆସୋସିଏଶନ୍ ନିଜର ଏକ କୋର୍ କମିଟି ଗଠନ କରିବ ଏବଂ ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣକୁ ଆହୁରି ଉନ୍ନତ କରାଯିବ। ୧୮ଦିନ ଧରି ମାର୍କେଟ ବନ୍ଦ ରହିଥିବାରୁ ଇତି ମଧ୍ୟରେ ପ୍ରାୟ ୧୦୦କୋଟି ଟଙ୍କାର କ୍ଷତି ହୋଇଥିବା ପ୍ରଦ୍ୟୁମ୍ନ କହିଛନ୍ତି। ତେବେ ମାର୍କେଟ ଖୋଲିଥିବାରୁ ଉଭୟ ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରେ ଖୁସି ଦେଖା ଦେଇଥିଲା। ଗୋଟେପଟେ ଆସୋସିଏଶନ୍‌ର ଦାବି ପୂରଣ ହୋଇଥିବା ବେଳେ ଉଠାଦୋକାନୀଙ୍କ ମଧ୍ୟରେ ଏହାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଛି। ମାର୍କେଟ ଖୋଲିବା ମାତ୍ରେ ଉଠାଦୋକାନୀମାନେ ଭିତରେ ବ୍ୟବସାୟ କରିବେ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ସୂଚନା ଦେଇଛନ୍ତି। ଦୀର୍ଘବର୍ଷ ଧରି ସେମାନେ ସେଠାରେ ବ୍ୟବସାୟ କରି ଆସୁଛନ୍ତି। ଉଚ୍ଚନ୍ୟାୟାଳୟରୁ ସେମାନେ ଷ୍ଟେ ଅର୍ଡର ମଧ୍ୟ ଆଣିଛନ୍ତି। ବିଏମ୍‌ସିଏ ଯାଏ ସେମାନଙ୍କ ସହ ଆଲୋଚନା କରି ନଥିବାବେଳେ କୌଣସି ଥଇଥାନ ନ କରି କିଭଳି ସେମାନଙ୍କୁ ଉଠାଇବା ପାଇଁ ନିର୍ଦ୍ଦେଶ ଦେଲେ ତାକୁ ନେଇ ପ୍ରଶ୍ନ କରିଛନ୍ତି। ପ୍ରଥମେ ଜାଗା ଚିହ୍ନଟ କରି ଥଇଥାନ କରୁ ତା' ପରେ ମାର୍କେଟ ଭିତରକୁ ପ୍ରବେଶ ପାଇଁ ବାରଣ କରାଗଲେ ଯୁକ୍ତିଯୁକ୍ତ ହେବ ବୋଲି ପ୍ରତାପ କହିଛନ୍ତି।

ସୂଚନାଯୋଗ୍ୟ, ଉଠାଦୋକାନୀଙ୍କୁ ମାର୍କେଟରୁ ସ୍ଥାୟୀ ଭାବେ ଉଠାଇବା ପାଇଁ ଦାବି କରି ଜୁଲାଇ ୧୭ରେ ମାର୍କେଟ ବିଲ୍ଡିଂକୁ ବନ୍ଦ କରାଯାଇଥିଲା। ମାର୍କେଟର ମୁଖ୍ୟ ଗେଟ୍‌ରେ ତାଲା ମଧ୍ୟ ପକାଯାଇଥିଲା। ଏହାକୁ ବିରୋଧ କରି ପରେ ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଥିବାବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପୂର୍ବରୁ ମଧ୍ୟ ୨ଥର ମାର୍କେଟ ଆସୋସିଏସନ୍ ସମାନ ଦାବି ନେଇ ମାର୍କେଟ ବନ୍ଦ କରିଥିଲା। କେବେ ୨ଦିନ ତ କେବେ ୪ଦିନ ମଧ୍ୟରେ ବିଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଇ ସୁଝାଇ ପୁଣି ମାର୍କେଟ ଖୋଲିବାରେ ସଫଳ ହୋଇଥିଲେ। ମାତ୍ର ବାରମ୍ବାର ଉଠାଦୋକାନୀମାନେ ମାର୍କେଟକୁ କବ୍‌ଜା କରୁଥିବାବେଳେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛନ୍ତି। ସେହିପରି ବିଏମ୍‌ସି କେବଳ ପ୍ରତିଶ୍ରୁତି ଦେଇ ଦେଖଣାହାରୀ ସାଜୁଛି। ତେଣୁ ଏଥର ଆସୋସିଏସନ୍ ପକ୍ଷରୁ ଚରମ ନିଷ୍ପତ୍ତି ନିଆଯାଇ ୧୮ଦିନ ଧରି ମାର୍କେଟକୁ ବନ୍ଦ ରଖାଯାଇଥିଲା।

# ଚଢ଼ିଗଲା ଗାଡ଼ି, ଶ୍ରମିକଙ୍କ ଗୋଡ ଚୁନା

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା) : ରାସ୍ତା ପାର ହେଉଥିବାବେଳେ ଶ୍ରମିକଙ୍କ ଗୋଡ଼ ଉପରେ ଏକ ଅଜଣା ଗାଡି ଚଢ଼ିଯିବାରୁ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଚୁନା ହୋଇଯାଇଥିବାବେଳେ ଆଉଏକ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏଭଳି ଘଟଣା ଘଟିଛି। ଶ୍ରମିକଙ୍କ ପରିଚୟ ଜଣାପଡିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡିର ପତ୍ତା ପାଇପାରି ନାହିଁ। ସକାଳ ସମୟରେ ଶ୍ରମିକ ଜଣକ କାମ ପାଇଁ ବେହେରା ସାଇ ପଟୁ ରାସ୍ତା ପାର ହୋଇ କ୍ରାଉନ୍ ହୋଟେଲ ପଟକୁ ଯାଉଥିଲେ। ରାସ୍ତା ଡିଭାଇଡର ଗ୍ରୀଲ୍‌ରେ ଚଢ଼ି ପାର ହେଉଥିବାବେଳେ

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

ହଠାତ ଗୋଡ ଖସିଯିବାରୁ ରାସ୍ତା ଉପରେ ପଡିଯାଇଥିଲେ। ଏହି ସମୟରେ ଏକ ଦ୍ରୁତ ଗତିରେ ଆସୁଥିବା ଅଜଣା ଗାଡି ତାଙ୍କ ଗୋଡ ଉପରେ ଚଢ଼ି ପଳାଇଥିଲା। ଫଳରେ ସେ ଯନ୍ତ୍ରଣା ଛଟପଟ ହୋଇଥିବାବେଳେ କେତେଜଣ ଲୋକ ରାସ୍ତାରେ ଗାଡି ଅଟକାଇ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇ ନ ପାରିବାରୁ ଗୋଟିଏ ପରେ ଗୋଟିଏ ଜୀବନ ଅକାଳରେ ଚାଲିଯାଉଛି। ତେଣୁ ସେଠାରେ ଏକ ଫୁଟ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଶ୍ମଶାନ ଜମି ଅଧିଗ୍ରହଣ ବେଳେ ଉତ୍ତେଜନା

ଯାଁଳା,୩।୮ (ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ମୌଜାରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଇଡ୍‌କୋ ପକ୍ଷରୁ ଶ୍ମଶାନ ଜମି ଅଧିଗ୍ରହଣ ବେଳେ ଗୁରୁବାର ଉତ୍ତେଜନା ଦେଖାଦେଇଥିଲା। ଶ୍ମଶାନ ପାଇଁ ଜମି ଛାଡିବାକୁ ଦାବି କରି ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପରେ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ହୋଇଥିଲା। ଶେଷରେ ଇଡ୍‌କୋ ଶ୍ମଶାନ ପାଇଁ ଜମି ଛାଡିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ମୁତାବକ, ଛତାବର ମୌଜାରେ ଶିଳ୍ପାଞ୍ଚଳ ପାଇଁ ଇଡ୍‌କୋ ୨୮ ଏକର ଜମି ଚିହ୍ନଟ କରିଥିଲା। ଉକ୍ତ ସ୍ଥାନରେ ଛତାବର ଗ୍ରାମବାସୀଙ୍କ ଶ୍ମଶାନ ଥିବାରୁ ଜମିକୁ କୌଣସି ପରିସ୍ଥିତିରେ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ପ୍ରତିବାଦ କରିଆସୁଥିଲେ। ଏନେଇ ଖୋର୍ଦ୍ଧା ଜିଲାପାଳ, ରାଜସ୍ୱ ସଚିବ ଓ ଜଟଣୀ ତହସିଲଦାରଙ୍କୁ ଲିଖିତ ଭାବେ ଗ୍ରାମବାସୀ ଜଣାଇଥିଲେ। ଜିଲା ପ୍ରଶାସନ ଅଭିଯୋଗ ଗ୍ରହଣ କରିବା ସହ ଶ୍ମଶାନ ପାଇଁ ୪ ଏକର ଜମି ଛାଡିବାକୁ ଗ୍ରାମବାସୀଙ୍କ ଉପସ୍ଥିତିରେ କଥା ହୋଇଥିଲା। ତେବେ ଗୁରୁବାର ତହସିଲଦାର ଓ ପୋଲିସ ଟିମ୍ ସହ ଉକ୍ତ ଜମିକୁ ଅଧିଗ୍ରହଣ କରିବାକୁ ଆସିଥିଲେ। ଜେସିବି ଲଗାଇ ଜମିରେ ତାର ବାଡ଼ ଦେବାବେଳେ ଗ୍ରାମବାସୀ ଏକାଠି ହୋଇଥିଲେ। ଏନେଇ ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ଜଣାଇଥିଲେ। ଖବରପାଇ ବିଧାୟକ ରାଉତରାୟ ପହଞ୍ଚିବା ସହିତ ଶତାଧିକ ଗ୍ରାମବାସୀ ଏକାଠି ହୋଇ ଇଡ୍‌କୋର ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ। ଫଳରେ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ରହିଥିଲା। ଆଲୋଚନା ପରେ ଶ୍ମଶାନ ସହ ସମାଧି ସ୍ଥଳ ପର୍ଯ୍ୟନ୍ତ ଜମି ଛାଡିବାକୁ ନିଷ୍ପତ୍ତି ହେବା ପରେ ଉତ୍ତେଜନା ହଟିଥିଲା ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି।

# ୬ରେ ଜୀ ସାର୍ଥକରେ ପ୍ରସାରିତ ହେବ 'ତୁମ ବିନା'

ଭୁବନେଶ୍ୱର,୩।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ ସାର୍ଥକରେ ଆସନ୍ତା ୬ ତାରିଖରେ ପ୍ରସାରିତ ହେବ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ତୁମ ବିନା'। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୀ ସାର୍ଥକ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅଭିନେତା ଶ୍ରୀତମ ଦାସ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ତଥା ପ୍ରଯୋଜନା ଦାୟିତ୍ୱ ନେଇଥିବାବେଳେ କାହାଣୀ ପରିକଳ୍ପନା କରିଛନ୍ତି ଜୀ ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ। କଲେଜ ସମୟରୁ ନିଶିଥ୍ ଓ ଦୀପାଳିଙ୍କ ବନ୍ଧୁତା ସମୟକ୍ରମେ ପ୍ରେମ ଓ ତା'ପରେ ବାହାଘରରେ ପରିଣତ ହୁଏ। ହେଲେ ଏହି ବାହାଘର ପାଇଁ ୨ ଜଣଙ୍କୁ ଦେବାକୁ ପଡ଼ିଛି ବହୁମୂଲ୍ୟ। ଉଭୟଙ୍କର ଏକ ଝିଅ ହୋଇଛି। ଘର ଖୁସିରେ ଭରିଯାଇଛି। ଏହାପରେ ହଠାତ୍ ଆସିଛି ଏକ ଅପ୍ରତ୍ୟାଶିତ ଝଡ, ଯାହା ପୁରା ସଂସାରକୁ ଓଲଟାଇ ଦେଇଛି। ନିଶିଥ୍ ନିଜ ଚାକିରି ହରାଇବା ପରେ ଝିଅ ଓ ସ୍ତ୍ରୀଠାରୁ ଦୂରେଇ ଯାଇଛନ୍ତି। ତେବେ କେମିତି ଓ କାହିଁକି ଚାକିରି ହରାଇଲେ ନିଶିଥ୍ ? ଦୀପାଳି କ'ଣ ନିଜ ପରିବାରର ଦାୟିତ୍ୱ ନିଜ କାନ୍ଧରେ ଉଠାଇ ପାରିବେ ? ଏଭଳି ବହୁ ପ୍ରଶ୍ନର ଉତ୍ତର ନେଇ ଚଳଚ୍ଚିତ୍ର 'ତୁମ ବିନା' ଆସନ୍ତା ରବିବାର ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ହେବ। ମୁଖ୍ୟ ଚରିତ୍ରରେ ଶ୍ରୀତମ ଦାସ ଓ ତାଙ୍କ ସ୍ତ୍ରୀ ଚରିତ୍ରରେ ଅଛନ୍ତି ନାୟିକା ଲିପ୍ସା ମିଶ୍ର। ସହ କଳାକାର ଭାବେ ଉଷଶୀ ମିଶ୍ର ଓ ଶିଶୁ କଳାକାର ଲତାଶା ରହିଛନ୍ତି। ସମ୍ପୂର୍ଣ୍ଣ ଓଡିଆ ଘରର କାହାଣୀକୁ ନେଇ ତିଆରି ଏହି ଫିଲ୍ମକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ। ଗୀତଗୁଡିକୁ ଲେଖିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ଗାୟକ ହ୍ୟୁମାନ ସାଗର, ବିଷ୍ଣୁ ମୋହନ କବି, ଗାୟିକା ଲିପ୍ସା ମହାପାତ୍ର ଓ ଲିପାକ୍ଷୀ ଦାସ କଣ୍ଠଦାନ କରିଛନ୍ତି।



ଜୀ ସାର୍ଥକରେ ପ୍ରସାରିତ ହେବାକୁ ଥିବା ଚଳଚ୍ଚିତ୍ର 'ତୁମ ବିନା'ର ପୋଷ୍ଟର ରିଲିଜ୍ କରାଯାଉଛି।

# ଆଇନଜୀବୀ, ତଦନ୍ତକାରୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କଲା କମିଶନରେଟ୍ ପୋଲିସ





ସମ୍ବର୍ଦ୍ଧନା ଅବସରରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ତଦନ୍ତକାରୀ ଅଧିକାରୀ ଓ ଆଇନଜୀବୀମାନେ।

ଭୁବନେଶ୍ୱର,୩।୮ (ସତ୍ୟଜିତ୍ ରାଉତ)

**୨୦୨୩ରେ ୪୭ ମାମଲାରେ ଦଣ୍ଡାଦେଶ**

୨୦୨୩ରେ ଏପର୍ଯ୍ୟନ୍ତ କମିଶନରେଟ ପୋଲିସ ଅନ୍ତର୍ଗତ ଭୁବନେଶ୍ୱର ୟୁପିଡି ଓ କଟକ ୟୁପିଡିର ବିଭିନ୍ନ ଥାନାର ୪୭ ମାମଲାରେ ଅଭିଯୁକ୍ତମାନଙ୍କୁ ଦଣ୍ଡାଦେଶ ହୋଇଛି। ଏଥିସହ ଏହି ମାମଲାରେ ସଫଳ ଦାୟିତ୍ୱ ତୁଲାଇଥିବା ତଦନ୍ତକାରୀ ଅଧିକାରୀ ଓ ଆଇନଜୀବୀଙ୍କୁ କମିଶନରେଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସଫଳ ତଦନ୍ତକାରୀ ଅଧିକାରୀ ଓ ଆଇନଜୀବିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କଟକ ଡିସିପି ପିନାକ ମିଶ୍ର, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ହେଡ୍‌କ୍ୱାର୍ଟର ଡିସିପି କଶୋର ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଦଣ୍ଡାଦେଶ ହୋଇଥିବା ସମସ୍ତ ମାମଲା ସଂକ୍ରାନ୍ତରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ସମସ୍ତ ୪୭ ମାମଲା ମଧ୍ୟରେ କଟକ ୟୁପିଡିର ୧୪ ମାମଲା ଥିବାବେଳେ ଭୁବନେଶ୍ୱର ୟୁପିଡିର ୩୩ ମାମଲା ରହିଛି। କଟକ ୟୁପିଡିର ମୋଟ ମାମଲାରୁ ୭ଟି ହତ୍ୟା ଓ ନାବାଳିକା ବଳାତ୍କାର ରହିଛି। ସେହିଭଳି ଭୁବନେଶ୍ୱର ୟୁପିଡି ମୋଟ ମାମଲାରୁ ୫ଟି ବଳାତ୍କାର ଓ ଦୁଇଟି ହତ୍ୟା ମାମଲା ରହିଛି। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସଫଳ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ପୀଡିତା ଓ ପୀଡିତଙ୍କୁ ନ୍ୟାୟ ଦେବାକୁ ସେମାନେ ଏହିଭଳି କାର୍ଯ୍ୟ ଜାରି ରଖିବାକୁ କମିଶନର ପ୍ରିୟଦର୍ଶୀ ଅପିଲ କରିଛନ୍ତି।

**ନିଖୋଜ ବାଳିକା ବିଷୟରେ**

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ–ରାଧା ମଲ୍ଲିକ
ବୟସ–୨ ବର୍ଷ ୬ ମାସ
ଉଚ୍ଚତା–ତିନି ଫୁଟ
ରଙ୍ଗ– ଶ୍ୟାମଳ
ପୋଷାକ– ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324

**OFFICE OF THE ROURKELA MUNICIPAL CORPORATION: ROURKELA**

**INVITATION FOR BID**

**No.9256, Dated 03.08.2023**

**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0034/2324

# ଖୋର୍ଦ୍ଧାରେ ୬୪୫ ଡେଙ୍ଗୁ ଆକ୍ରାନ୍ତ ମଧ୍ୟରୁ ରାଜଧାନୀରେ ୬୦୫

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)

- ୧୦୦ ନମୁନାରୁ ୧୦ ପଜିଟିଭ୍
- ସେପ୍ଟେମ୍ବର ଯାଏ ପିକ୍‌ରେ ରହିବ

ରାଜଧାନୀବାସୀଙ୍କୁ ଏବେ ଡେଙ୍ଗୁ ଭୟ ଘାରିଛି। ପ୍ରତି ୧୦୦ ନମୁନାରୁ ୧୦ ନମୁନା ପଜିଟିଭ ଚିହ୍ନଟ ହେଉଥିବାବେଳେ ଆକ୍ରାନ୍ତଙ୍କ ହାର ଦିନକୁ ଦିନ ବଢିବାରେ ଲାଗିଛି। ଜୁଲାଇ ଦ୍ୱିତୀୟ ସପ୍ତାହରେ ସହରରୁ ଦୈନିକ ୭ରୁ ୧୦ ରୋଗୀ ଚିହ୍ନଟ ହେଉଥିବାବେଳେ ଏବେ ଦୈନିକ ରୋଗୀଙ୍କ ସଂଖ୍ୟା ୪୦ରୁ ୫୦ ମଧ୍ୟରେ ରହୁଛି। ଦୈନିକ ଚିହ୍ନଟ ରୋଗୀଙ୍କ ସଂଖ୍ୟାରେ କିଛି ବ୍ୟାପକ ସୁଧାର ଆସୁନଥିବାବେଳେ ସେପ୍ଟେମ୍ବର ମାସ ଯାଏଁ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ପିକ୍‌ରେ ରହିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ପ୍ରତ୍ୟେକ ବର୍ଷ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ସହ ପିକ'ରେ ରୁହେ। ତେବେ ଭୁବନେଶ୍ୱର ଏହାର ହଟ୍‌ସ୍ପଟ୍ ପାଲଟିଥିବାରୁ ଏନେଇ ଚିନ୍ତା ବଢିଛି। ଗତ ୨୪ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ମୋଟ୍ ୪୯ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ କେବଳ ଭୁବନେଶ୍ୱରରୁ ୪୬ଜଣ ରହିଛନ୍ତି। ତେବେ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶଙ୍କ ଘରେ ପୂର୍ବରୁ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସଚେତନ ହେଉ ନ ଥିବାରୁ ରୋଗୀସଂଖ୍ୟା ବୃଦ୍ଧି ପାଉଥିବା ବିଏମସି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ।

ଅପରପକ୍ଷେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଖୋର୍ଦ୍ଧାରୁ ୬୪୫ ଜଣ ରୋଗୀ ଥିବାବେଳେ ସେଥିରୁ ଭୁବନେଶ୍ୱରରୁ ୬୦୫ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦୦ ରୋଗୀ କ୍ୟାପିଟାଲ ହସ୍ପିଟାଲରେ ପର୍ଯ୍ୟାୟକ୍ରମେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ୩୪ ରୋଗୀ ଚିକିତ୍ସାଧୀନ ଥିବାବେଳେ ୨୭୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧିପାଉଥିବାରୁ କ୍ୟାପିଟାଲ ହସ୍ପିଟାଲରେ ୭୦ ବେଡ ଯାଏ ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ସ୍ଥିତି ରାଜଧାନୀ ଭୁବନେଶ୍ୱରରୁ ଦିନକୁ ଦିନ ଉଦବେଗଜନକ ହେବାରେ ଲାଗିଛି। ଜୁନ ଶେଷ ସୁଦ୍ଧା ରାଜ୍ୟରେ ମୋଟ ୧୭୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ ମାତ୍ର ଏବେ ସଂକ୍ରମିତଙ୍କ ସଂଖ୍ୟା ହଜାରେ ଟପିଛି। ଡେଙ୍ଗୁକୁ ନିୟନ୍ତ୍ରଣ କରିବାରେ ବିଏମସି ଓ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଫେଲ ମାରିଛି। ଏବେଠାରୁ ସ୍ଥିତି ନସୁଧାରିଲେ ଅଗଷ୍ଟ ଶେଷ ସୁଦ୍ଧା ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହଜାରେ ଟପିବ ବୋଲି ଆଶଙ୍କା କରାଯାଉଛି।

## ଡେଙ୍ଗୁ ଦମନ ଅଭିଯାନ ଜୋରଦାର୍ ପାଇଁ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର, ୩।୮ (ବନ୍ଦନା ସେଠୀ)





ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ଏବେ ବିଏମ୍‌ସିର ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଡେଙ୍ଗୁ ଦମନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜୋର୍‌ଦାର ପ୍ରୟାସ ଆରମ୍ଭ ହୋଇଛି। ବିଏମ୍‌ସି ଅଞ୍ଚଳରୁ ମଶା ବଂଶ ଲୋପ କରିବା ପାଇଁ ପାଣି ଜମୁଥିବା ସ୍ଥାନ ଚିହ୍ନଟ, ମଶାତେଲ ସିଞ୍ଚନ, ମଶା ଧୂଆଁ ଦେବା, ଘାସ କାଟିବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଏନେଇ ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରତି ୱାର୍ଡରେ ଡ୍ରାଏ ଡେ ପାଳନକୁ ନିଶ୍ଚିତ କରିବା, ସଂପୃକ୍ତ ଟିମ୍ ସମ୍ବେଦନଶୀଳ ଅଞ୍ଚଳର କେତେକ ଘରକୁ ଯାଇ ମଶା ଉତ୍ପତ୍ତିସ୍ଥଳ ଦେଖିବା ସହିତ ତାହାକୁ ନଷ୍ଟ କରିବା ଆଦି ଉପରେ କମିଶନର ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଗୋଷ୍ଠୀ ସଦସ୍ୟ ସମାନ କାର୍ଯ୍ୟକରି ନିଜ ଅଞ୍ଚଳରୁ ମଶା କମାଇବାରେ ସହାୟକ ହେବେ। ଆବଶ୍ୟକ ସ୍ଥଳେ ଡ୍ରାଏ ଡେ କରାଯାଇଥିବା ଘର ବା ଆବାସିକ ଅଞ୍ଚଳକୁ ସ୍ୱତନ୍ତ୍ର ଚିହ୍ନ ବା ମାର୍କିଂ କରିବାକୁ କୁହାଯାଇଛି। ଯଦି କେଉଁ ଘରେ ଡେଙ୍ଗୁ ରୋଗୀ ଥାଆନ୍ତି, ତେବେ ସେ ଦିନରାତି କିପରି ମଶାରି ଭିତରେ ରହିବେ ତାହା ବୁଝାଇବା ଏବଂ ପାଳନ ହେଉଛି କି ନାହିଁ କ୍ଷେତ୍ର କର୍ମୀ ଯଥା–ଆଶା, ଅଙ୍ଗନବାଡି କର୍ମୀ, ସ୍ୱଚ୍ଛସାଥୀ ଇତ୍ୟାଦିଙ୍କ ମାଧ୍ୟମରେ ବିବରଣୀ ନେବାକୁ କୁହାଯାଇଛି। ଆପାର୍ଟମେଣ୍ଟ ଏବଂ ବୃହତର ଆବାସିକ ଅଞ୍ଚଳର ପାର୍କିଂସ୍ଥଳି ବିଶେଷ ଭାବରେ ଅନ୍ଧାରୁଆ ହୋଇ ରହିଥାଏ । ତେଣୁ ଟିମ୍‌ର ପରିଦର୍ଶନ ବେଳେ ଏଗୁଡିକୁ ଦେଖି ସଂପୃକ୍ତ ଆବାସିକ ସଂଗଠନକୁ କହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଏଜେନ୍ସିକୁ ଘାସ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହା ଖିଲାପ ହୁଏ ତେବେ ତାଙ୍କ ବିରୋଧରେ ପଦକ୍ଷେପ ନେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0045/2324

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୭ତମ ଶ୍ରାଦ୍ଧୋତ୍ସବ, ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବତନ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧୋତ୍ସବ, ରାଜଭବନ ପଛ ପାଖ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୯ଟା।
- ନିଖିଳ ଓଡ଼ିଶା ଯାଦବ(ଗୋପାଳ) ପ୍ରଗତିଶୀଳ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ଓଡ଼ିଶା କୃଷି, ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି), ପୂର୍ବାହ୍ନ ୧୦ଟା ୩୦।
- ବ୍ଲୁସମସ ସ୍କୁଲ ପକ୍ଷରୁ 'ନୋଭମେସ୍ ୭.୦', ସ୍କୁଲ ପରିସର, ଭରତପୁର, ପୂର୍ବାହ୍ନ ୧୦ଟା ୩୦।
- ଦୂରଦର୍ଶୀ ପତ୍ରିକାର ପଞ୍ଚଦଶ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଏଣ୍ଡାଏଭର ପକ୍ଷରୁ କିଶୋର କୁମାର ନାଇଟ୍ସ-୨୦୨୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ପାନ୍ଥନିବାସରେ ଅସ୍ଥାୟୀ ଖୋଲିବ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ

ଭୁବନେଶ୍ୱର/ସାକ୍ଷୀଗୋପାଳ, ୩।୮ (ଅନୁରାଧା ମହାରଣା/ ପ୍ରଶାନ୍ତ କୁମାର ବାରିକ)



■ୟୁଜିଏସ୍ କଲେଜରୁ ଆସିବେ ୩ କର୍ମଚାରୀ

■୧୩ରେ ଇଣ୍ଟିଗ୍ରେଟେଡ୍ ଏମ୍ଏପିଏଚ୍ଡି ପ୍ରବେଶିକା ପରୀକ୍ଷା

ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀରେ ୨୦୨୩-୨୪ ଶିକ୍ଷାବର୍ଷରୁ ଇଣ୍ଟିଗ୍ରେଟେଡ୍ ଏମ୍ଏପିଏଚ୍ଡି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ନାମଲେଖା, ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରକ୍ରିୟା ଜାରି ରହିଛି। ହେଲେ ଏବେ ବିଶ୍ୱବିଦ୍ୟାଳୟର ବିଲ୍ଡିଂ ଓ ଭିତ୍ତିଭୂମି ନିର୍ମାଣ ଚାଲିଥିବାରୁ ସାକ୍ଷୀଗୋପାଳ ପାନ୍ଥନିବାସରେ ଅସ୍ଥାୟୀ ଭାବେ ଏହାର କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ପାନ୍ଥ ନିବାସକୁ ୩ ମାସ ପାଇଁ ଭଡ଼ା ସୂତ୍ରରେ ନେବା ସହ ବିଭିନ୍ନ ଆସବାବପତ୍ର ଓ ଆନୁଷଙ୍ଗିକ ବନ୍ଦୋବସ୍ତ ଲାଗି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ ପଦବୀ ପୂରଣ ହୋଇନାହିଁ। ତେଣୁ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି (ଡିଗ୍ରୀ) ମହାବିଦ୍ୟାଳୟ (ୟୁଜିଏସ୍ କଲେଜ)ରୁ ୨ଜଣ କିରାଣି ଓ ଜଣେ ପିଅନଙ୍କୁ ବିଶ୍ୱବିଦ୍ୟାଳୟରେ ୩ ମାସ ପାଇଁ ନିୟୋଜିତ କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ୟୁଜିଏସ୍ କଲେଜରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ଖୋଲିବା ଲାଗି ପ୍ରଥମେ ପ୍ରସ୍ତାବ ରହିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଗତମାସ ୩ ତାରିଖରେ ସତ୍ୟବାଦୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର କୋଠା ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନାଯୋଗ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଏବଂ ଆଞ୍ଚଳିକ ଏବଂ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ଆଦି ୩ଟି ବିଷୟରେ ଇଣ୍ଟିଗ୍ରେଟେଡ୍ ଏମ୍ଏପିଏଚ୍ଡି ପାଠ୍ୟକ୍ରମ ଆରମ୍ଭ ହେବ। ଏହି ପାଠ୍ୟକ୍ରମଗୁଡ଼ିକରେ ନାମ ଲେଖାଇବା ପାଇଁ ଅଗଷ୍ଟ ୧୩ରେ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୪ଟି ଜୋନରେ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୭ ଅଗଷ୍ଟରେ https://ssbodisha.ac.inରେ ଲଗଇନ୍ କରି ଏସ୍ଏସ୍ବି ୱେବସାଇଟ୍ କିମ୍ବା ସାମସ୍ ୱେବ୍ସାଇଟରୁ ଆବେଦନକାରୀ ଆଡମିଟ୍ କାର୍ଡ ବା ହଲ ଟିକେଟ୍ ଡାଉନ୍‌ଲୋଡ୍ କରିପାରିବେ। ୨୩ ଅଗଷ୍ଟରେ ବିଷୟ ଆଧାରରେ ମେଧା ତାଲିକା ପ୍ରକାଶ ପାଇବ।

## ବର୍ଷା ସମୟରେ ବିଦ୍ୟୁତ ଖୁଣ୍ଟକୁ ସ୍ପର୍ଶ କରନ୍ତୁ ନାହିଁ

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା) : ପ୍ରବଳ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସହରଠାରୁ ଆରମ୍ଭ କରି ବହୁ ଗାଁ ପାଣି ଘେରରେ ରହିଛି। ତେଣୁ ବର୍ଷା ଦିନରେ ବିଦ୍ୟୁତ ଖୁଣ୍ଟ, ଟ୍ରାନ୍ସଫର୍ମର ଓ ଷ୍ଟ୍ରିଟ ଲାଇଟ୍‌ଠାରୁ ଦୂରେଇ ରହିବାକୁ ଓଡିଶା ପୋଲିସ ପକ୍ଷରୁ ସତର୍କ କରାଯାଇଛି । କାରଣ ବିଦ୍ୟୁତ ସରବରାହ ଏବଂ ବର୍ଷା ପାଣିରେ ସଂଯୋଗ ଫଳରେ ସେଗୁଡିକ ଆପେ ଆପେ ଚାର୍ଜ ହୋଇଯାଇଥାଏ। ଫଳରେ ସ୍ପର୍ଶ କରିବା ମାତ୍ରେ ବିଦ୍ୟୁତ ଆଘାତ ଲାଗି ଜୀବନ ଚାଲିଯିବାର ସମ୍ଭାବନା ମଧ୍ୟ ରହିଥାଏ। ତେଣୁ ସଚେତନ ରହିବା ସହ ଜରୁରିକାଳୀନ ସାହାଯ୍ୟ ପାଇଁ ୧୧୨କୁ କଲ୍ କରିବାକୁ ପରାମର୍ଶ ଦେଇଛି ଓଡିଶା ପୋଲିସ।

## ଚାକିରି ଦେବା ନାଁରେ ୨.୬୫ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୩।୮ (ସୂର୍ଯ୍ୟକାନ୍ତ ବେହେରା) : ପାରାଦୀପସ୍ଥିତ ଇଣ୍ଡିଆନ ଅଏଲ କମ୍ପାନୀରେ ଚାକିରି କରାଇଦେବା ନାଁରେ ୨ ଲକ୍ଷ ୬୫ ହଜାର ଟଙ୍କା ଠକେଇ ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଧ୍ରୁବ ଚରଣ ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ସଦାଶିବ ଏବଂ ଅଭିଯୁକ୍ତ ଧ୍ରୁବ ପୂର୍ବରୁ ଏକାଠି ଏକ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ପରସ୍ପର ସହ ପରିଚିତ ଥିଲେ। ଏହି ସମୟରେ ଚାକିରି କରାଇଦେବାକୁ କହି ସଦାଶିବ ତାଙ୍କଠାରୁ ୨ ଲକ୍ଷ ୬୫ ହଜାର ଟଙ୍କା ନେଇଥିଲେ ଧ୍ରୁବ। ହେଲେ ଟଙ୍କା ନେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଚାକିରି କରାଇପାରି ନ ଥିଲେ। ଏନେଇ ଠକାମିର ଶିକାର ହେବା ଜାଣିବା ପରେ ସଦାଶିବ ପ୍ରଥମେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଏନେଇ ସଦାଶିବ ପାହାଳ ଥାନାରେ ଅଭିଯୋଗ କରିଥିଲେ।



ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପୁସ୍ତକ 'ଲିଡ୍‌ହର୍'କୁ ଉନ୍ମୋଚନ କରୁଛନ୍ତି। ନିକଟରେ ଅଛନ୍ତି ଏହାର ଲେଖିକା ରୁପା ଦାଶ ଓ ତାଙ୍କ ଝିଅ ଆୟାତି ଦାଶକର।

## ପୋଖରୀରେ ବୁଡ଼ି ଶିଶୁ, ଚାଷୀ ମୃତ

ବ୍ରହ୍ମଗିରି,(ସ୍ୱାଧୀନ ଚମ୍ପତିରାୟ)/ କୋଣାର୍କ,୩।୮ (ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲାର ବ୍ରହ୍ମଗିରି ଓ କୋଣାର୍କ ଅଞ୍ଚଳରେ ଗୁରୁବାର ପୋଖରିରେ ବୁଡ଼ି ଜଣେ ଶିଶୁ ଓ ଅନ୍ୟଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗବକୁଣ୍ଡ ଗ୍ରାମରେ ଇନ୍ଦ୍ରମଣି ଜେନାଙ୍କ ଘରେ ତାଙ୍କ ଝିଅ ଓ ୧୮ ମାସର ନାତୁଣୀ ପ୍ରିୟଙ୍କା ରହୁଥିଲେ। ପ୍ରିୟଙ୍କା ଘରଲୋକଙ୍କ ଅଜ୍ଞାତରେ ଘର ନିକଟରେ ଖେଳୁଥିବାବେଳେ ପାଖରେ ଥିବା ପୋଖରୀ ନିକଟକୁ ଚାଲିଯାଇଥିଲେ। ପରେ ପରିବାର ଲୋକ ପ୍ରିୟଙ୍କାଙ୍କୁ ଘର ନିକଟରେ ଦେଖିବାକୁ ପାଇ ନ ଥିଲେ। ସନ୍ଦେହରେ ଆଖପାଖରେ ଖୋଜାଖୋଜି କରିବାବେଳେ ପୋଖରୀରେ ପ୍ରିୟଙ୍କା ସହ ମୃତଦେହ ଭାସୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସେହିପରି କୋଣାର୍କ ଥାନା ଅନ୍ତର୍ଗତ ଖଗିପୁର ଗ୍ରାମର ମଧୁସୂଦନ ଜେନା ପୂର୍ବାହ୍ନ ୧୧ଟା ବେଳେ ବିଲକୁ ଯାଇଥିଲେ। ବିଲରୁ ଫେରି ପୋଖରୀରେ ଧୁଆଧୋଇ ହେବା ସମୟରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ପୋଖରୀରେ ଭାସୁଥିବା ଦେଖି ଗ୍ରାମର କିଛି ବ୍ୟକ୍ତି ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଣାର୍କ ପୋଲିସ ନଂ.୧୪/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ସାପ କାମୁଡ଼ା, ଜଳବାହିତ ରୋଗରୁ ସତର୍କ ରହିବାକୁ ପରାମର୍ଶ

ଭୁବନେଶ୍ୱର,୩।୮ (ଅଭିଜିତ ଦାସ)

■ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିଭେନମ୍ ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

■ବନ୍ୟାପ୍ଲାବିତ ଅଞ୍ଚଳରେ ହାଲୋଜେନ୍ ବଟିକା, ଓଆର୍ଏସ୍ ବଣ୍ଟାଯିବ

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ନଦୀରେ ବନ୍ୟା ଆସିଛି। ବନ୍ୟା ଓ ବର୍ଷା ପାଣି ଘେରରେ ବହୁ ଗାଁ ରହିଛି। ଏସବୁ ଅଞ୍ଚଳରେ ସରୀସୃପଙ୍କ ପ୍ରାଦୁର୍ଭାବ ରହିଥିବାବେଳେ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସାଧାରଣତଃ ବନ୍ୟା ଜଳରେ ଅନେକ ବିଷଧର ସାପ ଭାସି ଆସି ଘର ବା ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥାନ୍ତି। ଏହି ସମୟରେ ସାଧାରଣତଃ ଅଧିକ ସାପ କାମୁଡ଼ା ଘଟଣା ଘଟିଥାଏ। ତେଣୁ ବିଭାଗ ପକ୍ଷରୁ ସାପ କାମୁଡା ରୋଗୀଙ୍କୁ ମାଗଣା ଔଷଧ ଓ ଟେଷ୍ଟିଂ ଯୋଗାଇ ଦିଆଯିବ। ଏଥିସହ ସମସ୍ତ ଜିଲା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାପ କାମୁଡା ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ଆଣ୍ଟିଭେନମ୍ ଇଞ୍ଜେକ୍ସନ ଓ ଜରୁରିକାଳୀନ ଔଷଧ ମହଜୁଦ ରଖିବାକୁ କୁହାଯାଇଛି। ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଡେଙ୍ଗୁ ପ୍ରଭାବ ରହିଥିବା ବେଳେ ବନ୍ୟା କାରଣରୁ ଅଧିକାଂଶ ଗାଁରେ ଜଳବାହିତ ରୋଗର ଆଶଙ୍କା ରହିଛି। ପୂର୍ବରୁ ଓଡିଶାର କେତେକ ସ୍ଥାନରେ ଜଳବାହିତ ରୋଗ ବ୍ୟାପିଥିବାବେଳେ କେତେକ ରୋଗୀଙ୍କ ଜୀବନ ମଧ୍ୟ ଗଲାଣି। ଚଳିତବର୍ଷ ଜୁଲାଇ ସୁଦ୍ଧା ମୋଟ ୩୧୪ଟି କେସ୍‌ରୁ ୩୦ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବନ୍ୟା ଅଞ୍ଚଳରେ ଜଳ ଉତ୍ସଗୁଡିକ ଦୂଷିତ ହୋଇଯାଇଥିବାରୁ ଉକ୍ତ ପାଣିରେ ହାଲୋଜେନ ବଟିକା ପକାଇ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ସେହିପରି ପାଣିଘେରରେ ଥିବା ଗାଁ ରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଠାରେ ଲୋକଙ୍କୁ ଦୈନିକ ବ୍ୟବହାର ହେଉଥିବା ଔଷଧ ମାଗଣା ବିତରଣ କରାଯିବା ସହ ଲୋକମାନେ ଶୁଖିଲା ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଛନ୍ତି।

# ରତ୍ନଭଣ୍ଡାର, ବନକଲାଗି ଉପରେ ହେବ ଆଲୋଚନା

ପୁରୀ,୩।୮ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ପରିଚାଳନା ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାର ସମୀକ୍ଷା ହେବ। ଯାତ୍ରା ସମୟରେ ଦେଖାଦେଇଥିବା ବିଶୃଙ୍ଖଳା ଆଦି ସୁଧାରିବା ନେଇ ଆଲୋଚନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଆଲୋଚନା, ସେବାୟତ ପିଲାଙ୍କ ପାଇଁ ଆର୍ଦଶ ଗୁରୁକୁଳ, ସେବକ ବାସଗୃହ, ଜମିଜମା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରାଯିବ ବୋଲି ଅନୁମାନ କରାଯାଉଛି। ସେହିପରି ପୂର୍ବରୁ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ଏଜେଣ୍ଡା ରଖିବା ପାଇଁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜଙ୍କୁ ଚିଠି ଲେଖିଥିଲେ। ତେଣୁ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରାଯାଇପାରେ ବୋଲି ଆଶା କରାଯାଉଛି। ସେହିପରି ଗତ ମାସ

### ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

୨୭ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଥିଲା, ପରେ ଅଗଷ୍ଟ ୧ ତାରିଖ ମଙ୍ଗଳବାର ବୈଠକ ହେବ ବୋଲି ସୂଚନା ପ୍ରଦାନ ଦିଆଯାଇଥିଲା। ତେବେ କୌଣସି କାରଣରୁ ବୈଠକ ସ୍ଥଗିତ ରହିଥିଲା। ଅପରପକ୍ଷେ ଦୀର୍ଘ ୧ ମାସ ଧରି ମହାପ୍ରଭୁଙ୍କ ବନକଲାଗି ନୀତିକୁ ନେଇ ଲାଗିଥିବା ଦ୍ୱନ୍ଦ୍ୱ ପ୍ରାୟତଃ ସମାଧାନ ହୋଇଛି। ତେଣୁ ପରିଚାଳନା କମିଟିରେ ମହାପ୍ରଭୁଙ୍କ ବନକଲାଗି ନେଇ ଦେଖାଯାଇଥିବା ବିବାଦ ସମ୍ପର୍କରେ ଆଲୋଚନା କରାଯିବ କି ନାହିଁ ସେନେଇ ବୈଠକ ପରେ ଜଣାପଡ଼ିବ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବି

## ରାଷ୍ଟ୍ରପତିଙ୍କୁ ଭେଟିଲେ ଓଏସ୍ଇଏଫ୍ଡି ସଂଘର ଯୁଗ୍ମ ସମ୍ପାଦକ



ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)

ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଓଡ଼ିଶାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିନାହିଁ। ଏନେଇ ସୁପ୍ରିମକୋର୍ଟରେ ମଧ୍ୟ ଅଦାଲତ ଅବମାନନା ମାମଲା ହୋଇଛି। ଏହାସତ୍ତ୍ୱେ ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇନାହିଁ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ ଫର୍ ଦିବ୍ୟାଙ୍ଗ (ଓଏସ୍ଇଏଫ୍ଡି) ସଂଘ ପକ୍ଷରୁ ଅବଗତ କରାଯାଇଛି। ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶାର ସାଧାରଣ ବିଦ୍ୟାଳୟରେ ୧ ଲକ୍ଷ ୪୬ ହଜାର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଭାରତୀୟ ପୁନର୍ବାସ ପରିଷଦରେ ରାଜ୍ୟର ୬ ହଜାର ଆଶାୟୀ ପଞ୍ଜୀକରଣ କରି ବେରୋଜଗାର ହୋଇରହିଛନ୍ତି। ଓଡ଼ିଶାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହେଲେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷୟିତ୍ରୀଶିକ୍ଷକମାନେ ଉପକୃତ ହେବା ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ଉତ୍ତମ ଶିକ୍ଷା ପାଇପାରିବେ ବୋଲି ସଂଘ ଆଶାବ୍ୟକ୍ତ କରିଛି। ସୂଚନାଥାଉ କି, ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରାଥମିକ ବିଦ୍ୟାଳୟରେ ୧୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କୌଣସିବିଦ୍ୟାଳୟରେ ଜଣେ ମଧ୍ୟ ଦିବ୍ୟାଙ୍ଗ ପିଲା ଥିଲେ ସେଠାରେ ସ୍ୱତନ୍ତ୍ର ଶିକ୍ଷକ ଦେବା ପାଇଁ ରାୟରେ ଉଲ୍ଲେଖ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିପିନା



@ ଚିରଞ୍ଜୀବ



@ ହରିଶ୍



@ ନଣ୍ଟୁ



@ ରଞ୍ଜିତା



@ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଯକୃତ ରୋଗ ନିରାକରଣ ଅଭିଯାନ ଆରମ୍ଭ




ଭୁବନେଶ୍ୱର,୩।୮ (ଅଭିଜିତ ଦାସ)

ସମସ୍ତ ବର୍ଗର ଯକୃତ ବା ଲିଭରଜନିତ ରୋଗର ନିରାକରଣ ପାଇଁ ଇଣ୍ଡିଆ ନ୍ୟାଶନାଲ ଆସୋସିଏଶନ ଫର୍ ଷ୍ଟଡି ଅଫ୍ ଦି ଲିଭର (ଆଇଏନ୍ଏଏସ୍ଏଲ୍) ପକ୍ଷରୁ ଗୁରୁବାର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହା ୬ ତାରିଖ ଯାଏ ଚାଲିବ। ମେଫେୟାରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟ୍ୱିନ୍‌ସିଟି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ। ଆମେରିକାରୁ ଆସିଥିବା ପ୍ରଫେସର ଡାକ୍ତର ଜେଫେରୀ ଲାଜାରୁସ୍‌ଙ୍କ ସମେତ ସଂଘ ସଭାପତି ପ୍ରଫେସର ଏସ୍.ପି. ସିଂ, ସାଧାରଣ ସମ୍ପାଦକ ପ୍ରଫେସର ଅଜୟ ଡିଶୁଜା, ପ୍ରଫେସର ଥମାସ ବର୍ଗ, ସାଂଗଠନିକ ସମ୍ପାଦକ ଡାକ୍ତର ପ୍ରଫେସର ମନୋଜ ସାହୁ ପ୍ରମୁଖ ଯୋଗଦେଇ ଟ୍ୱିନ୍‌ସିଟିରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସହ ଯକୃତ ରୋଗର ନିରାକରଣ ଓ ନିୟମିତ ବ୍ୟାୟାମ ଉପରେ ଆଲୋଚନା କରିଥିଲେ। ସେହିପରି ୪ ତାରିଖରେ ସଂଘ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀ ଓ ବୟସ୍କ ଲୋକଙ୍କୁ ନେଇ ଆଲୋଚନା କରାଯିବ ବୋଲି ସାଙ୍ଗଠନିକ ସମ୍ପାଦକ ଡାକ୍ତର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

